# ସ୍ଥାୟୀ ନିଯୁକ୍ତି ଦାବିରେ ଡିୱାଇଓର ବିକ୍ଷୋଭ




ଅନୁଗୋଳ,୨୦ ।୨(ସମିସ): ଜିଲ୍ଲାର ବିଭିନ୍ନ ଖଣି ଓ ଶିଳ୍ପସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ, ବିସ୍ଥାପିତ ପରିବାରର ବେକାର ଯୁବକ-ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଓ ଥଇଥାନ ଦାବିରେ ଡିୱାଇଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକରେ ଖାଲି ପଡ଼ିଥିବା ସମସ୍ତ ପଦବୀ ଅବିଳମ୍ବେ ପୂରଣ କରିବା, ନୂଆ ନିଯୁକ୍ତି ସୃଷ୍ଟି, ସରକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ କରିବା, ବିଭିନ୍ନ ଆଳ ଦେଖାଇ ବାରମ୍ବାର ପରୀକ୍ଷା ବାତିଲ କରା ନ ଯିବା, ଠିକା ଭିତ୍ତିରେ ନିଯୁକ୍ତି ବନ୍ଦ କରି ସମସ୍ତ ପଦବୀରେ ସ୍ଥାୟୀ ନିଯୁକ୍ତି, ସାରା ଦେଶରେ ଗିଗ୍ ୱାର୍କରମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, ସର୍ବନିମ୍ନ ମଜୁରି ଏବଂ ସାମାଜିକ ସୁରକ୍ଷା ପ୍ରଦାନ, ନିଯୁକ୍ତି ଦେବା ପର୍ଯ୍ୟନ୍ତ ସମ୍ମାନଜନକ ଭାବେ ଜୀବନଧାରଣ ପାଇଁ ବେକାରୀ ଭତ୍ତା ପ୍ରଦାନ, ସରକାରୀ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ ନ କରିବା, ଅଶ୍ଳୀଳତା, ନଗ୍ନତା ଓ ମଦ-ଡ୍ରଗ୍ସ ଆଦିର ପ୍ରସାର ବନ୍ଦ କରିବାକୁ ଦାବି କରାଯାଇଛି। ଏଆଇଡିୱାଇଓ ଅନୁଗୋଳ ଜିଲ୍ଲା କମିଟି ସମ୍ପାଦକ କୈଳାସ ସାହୁଙ୍କ ପରିଚାଳନାରେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଯୁବ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ବିକ୍ଷୋଭରେ ସଂଗଠନର ସର୍ବଭାରତୀୟ କମିଟି ସମ୍ପାଦକ ମଳୟ ପାଲ ଯୋଗଦେଇ ଦେଶରେ ନିଯୁକ୍ତି ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିବା ସହ ବେକାର ଶିକ୍ଷିତ ଯୁବକ-ଯୁବତୀଙ୍କ ଦୟନୀୟ ଅବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ମାନସ ପାଳ, ସମ୍ପାଦକ କେଦାରନାଥ ସାହୁ, ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ଜ୍ୟୋତ୍ସ୍ନା ସାମଲ, ମଳୟ ବେହେରା, ଭରତ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସଂଗଠକ କିଶୋର ବିଶ୍ୱାଳ, ଦୁଃଖବନ୍ଧୁ ବେହେରା, ପବିତ୍ର ମହାଖୁଡ଼, ଆଶିଷ ସାହୁ, ସୋରେନ ସାହୁ, ବିଜୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନିତାଇ ଗୌର ଆଶ୍ରମରେ ୨୬ତମ ବାର୍ଷିକ ଉତ୍ସବ



କଣିହାଁ,୨୦ ।୨(ସମିସ): ଗହମସ୍ଥିତ ନିତାଇ ଗୌର ଆଶ୍ରମର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିପାଇଁ ୧୧ଦିନ ଧରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ୭ଦିନ ଭଗବତ ସପ୍ତାହ ପାଳନ ହୋଇଥିଲା। ପ୍ରତିଦିନ ପୂଜାର୍ଚ୍ଚନା ସହ ବାବାଜୀ ଶ୍ୟାମାନନ୍ଦ ଦାସଙ୍କ ଦ୍ୱାରା ଅପରାହ୍ନରେ ଗୌରଗୋବିନ୍ଦ କଥାମୃତ ଓ ସନ୍ଧ୍ୟାରେ ଭଗବତ କଥାମୃତ ପରିବେଷଣ ହୋଇଥିଲା। ମଙ୍ଗଳବାର ବଡ଼ ବାବାଜୀଙ୍କ ଅଭିଷେକ ଓ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ବୁଧବାର ନାମ ସଂକୀର୍ତ୍ତନ ଓ ଗୁରୁବାର ନଗରକୀର୍ତ୍ତନ ହୋଇଥିଲା। ଶ୍ରୀ ନିତାଇ ଗୌରାଙ୍ଗ ସେବାଟ୍ରଷ୍ଟ ତରଫରୁ ଆଶ୍ରମ ମୁଖ୍ୟ ବାବାଜୀ ପ୍ରଭୁପାଦ ଦାସଙ୍କ ତତ୍ତ୍ୱାବଧାନ ଓ ବାବାଜୀ ପ୍ରୀତମ ଦାସ, ଆଶ୍ରମର ଭକ୍ତବୃନ୍ଦଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**● ହିଡ଼ିସିଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ବଜେଟରେ ବ୍ୟୟବରାଦ**

## ମୁଖ୍ୟମନ୍ତ୍ରୀଙ୍କୁ ଅନୁଗୋଳ ବିଧାୟକଙ୍କ କୃତଜ୍ଞତା



ଅନୁଗୋଳ,୨୦ ।୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବଜେଟ୍‌ରେ ଅନୁଗୋଳ ବିଧାନସଭା କ୍ଷେତ୍ର ବନ୍ତଲା ଅଞ୍ଚଳର ଚାଷୀମାନଙ୍କ ଦୀର୍ଘଦିନର ଦାବି ଥିବା ହିଡ଼ିସିଂଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ବ୍ୟୟବରାଦ କରାଯାଇଛି। ଏଥିପାଇଁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପୂର୍ବରୁ ଏହି ଜଳପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିବେଶ ମଞ୍ଜୁରୀ ମିଳିଥିବାବେଳେ ଏବେ ବଜେଟ୍‌ରେ ବ୍ୟବ ବରାଦ ପରେ ବନ୍ତଲା ତଥା ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

## କୋର୍ଟ ଭବନ ପାଇଁ ଜବରଦଖଲ ଉଚ୍ଛେଦ ଆରମ୍ଭ



କଣିହାଁ,୨୦ ।୨(ସମିସ):କଣିହାଁ ବ୍ଲକରେ ନୂତନ କୋର୍ଟ ଭବନ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଏନ୍‌ଟିପିସି ଟାଉନ ଥାନା ଅନ୍ତର୍ଗତ ଭୀମକାଣ୍ଡ ମନ୍ଦିର ପାର୍ଶ୍ୱରେ ଏନଟିପିସି ଦ୍ୱାରା ନିର୍ମିତ ଅସୁରକ୍ଷିତ ମାର୍କେଟ କମ୍ପ୍ଲେକ୍ସ ପ୍ରାଙ୍ଗଣରେ ଦୀର୍ଘଦିନ ଧରି ଥିବା ଲେବର କଲୋନୀକୁ ଉଚ୍ଛେଦ କରାଯାଇଛି।

ନୂତନ କୋର୍ଟ ସ୍ଥାପନ ହେଲେ କଣିହାଁ ଓ ପାଶ୍ୱବର୍ତ୍ତୀ ଅଞ୍ଚଳବାସୀଙ୍କୁ ଆଉ କୋର୍ଟ କାମ ପାଇଁ ତାଳଚେର ଯିବାକୁ ପଡ଼ିବ ନାହିଁ। ଏହା ଦ୍ୱାରା ସମୟ ଓ ଅର୍ଥ ସଞ୍ଚୟ ସହ ନ୍ୟାୟ ସେବା ସ୍ଥାନୀୟ ସ୍ତରରେ ଉପଲବ୍ଧ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି। ଉଚ୍ଛେଦ କାର୍ଯ୍ୟ ସମୟରେ କଣିହାଁ ତାହସିଲଦାର ଚିନ୍ମୟ ଦାସ, ଅତିରିକ୍ତ ତାହସିଲଦାର ପୁଷ୍ମିତା ମଧୁମତୀ, ଏନଟିପିସି ଟାଉନ ଥାନା ଅଧିକାରିଣୀ ସଞ୍ଜୁକ୍ତା ଖିଲାର ଓ କଣିହାଁ ଆର୍‌ଆଇ ପୁଷ୍ପାଞ୍ଜଳି ବେହେରା ଉପସ୍ଥିତ ଥିଲେ। ତେବେ ଉଚ୍ଛେଦ ବେଳେ କିଛି ମଜୁରିଆ ଓ ଅସ୍ଥାୟୀ ବସବାସ କରୁଥିବା ପରିବାର ଥଇଥାନ ବିନା ହୀନସ୍ତା ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ପୁନର୍ବାସ ବ୍ୟବସ୍ଥା ନ କରି ଉଚ୍ଛେଦ କରାଯାଇଥିବା ସ୍ଥାନୀୟ ମହଲରେ ଚର୍ଚ୍ଚା ଚାଲିଛି।

## ଏବିଭିପି ପକ୍ଷରୁ + ୨ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା



କିଶୋରନଗର,୨୦ ।୨(ସମିସ): ଏବିଭିପି କିଶୋରନଗର ଶାଖା ତରଫରୁ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଯୁକ୍ତଦୁଇ କଳା ବିଭାଗ ପରୀକ୍ଷାର୍ଥୀମାନଙ୍କୁ ଫୁଲଚନ୍ଦନ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ପୂର୍ବ ସିଡିଡି ସଂଯୋଜକ ଓ ଅନୁଗୋଳ ଜିଲ୍ଲା ସଂଯୋଜକ ଉମେଶ ବାଘ, ଆଠମଲ୍ଲିକ ନଗର ସହସମ୍ପାଦକ ପ୍ରୟତନ ବିଶ୍ୱାଳ, ପବନ ସାହୁ, ଶୀତଳ ମହାନ୍ତି, ସୋନାଲି ଦେହୁରୀ, ଶିବାନୀ ଦାସ, ରୂପଶ୍ରୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ କେନ୍ଦ୍ରରେ ପରୀକ୍ଷା ଦେଲେ ୧୭୮୧ ଜଣ

କିଶୋରନଗର,୨୦ ।୨(ସମିସ): କିଶୋରନଗର ହାଇସ୍କୁଲ ନୋଡାଲ କେନ୍ଦ୍ର ଅଧୀନ ୧୦ କେନ୍ଦ୍ରରେ ୧୭୮୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। କିଶୋରନଗର ହାଇସ୍କୁଲରେ ୧୯୯, ରଣିଆକଟାରେ ୧୦୭, ପେଡ଼ିପଥର ହାଇସ୍କୁଲରେ ୧୭୫, ଅଙ୍ଗପଡ଼ା ହାଇସ୍କୁଲରେ ୧୬୭, ନାକଚି କେନ୍ଦ୍ରରେ ୧୯୩, ଫୁଲାମ୍ବାରେ ୧୮୫, ବାମୁର କେନ୍ଦ୍ରରେ ୧୮୫, ହଣ୍ଡପା କେନ୍ଦ୍ରରେ ୨୦୩, ଇଚ୍ଛାପୁର କେନ୍ଦ୍ରରେ ୧୪୫, ବଇଣ୍ଡା କିଶୋରଗଞ୍ଜ ହାଇସ୍କୁଲ କେନ୍ଦ୍ରରେ ୨୨୬ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। କିଶୋରନଗର ହାଇସ୍କୁଲ ନୋଡାଲ ଅଫିସର ଅଶୋକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହେଉଛି। କିଶୋରନଗର ତହସିଲଦାର ବିକ୍ରମ ନାୟକ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ। ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେନ୍ଦ୍ରଗୁଡ଼ିକରେ ପୁଲିସ ମୁତୟନ ରହିଛନ୍ତି।

## ୨୨ କେଜି ଗଞ୍ଜେଇ ଜବତ: ୨ ଗିରଫ



ଅନୁଗୋଳ,୨୦ ।୨(ସମିସ): ଅପରେସନ ପ୍ରହାରକୁ ବଡ଼ ସଫଳତା ମିଳିଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଜରପଡ଼ା ଥାନା ଆଇଆଇସି ରୀନା ସାହୁଙ୍କ ନେତୃତ୍ୱରେ ପୁଲିସ ଜରପଡ଼ା ରେଳ ଷ୍ଟେସନ ନିକଟ ଶିବ ମନ୍ଦିର ନିକଟରେ ସନ୍ଦେହଜନକ ଭାବେ ବୁଲୁଥିବା ଦୁଇ ଜଣଙ୍କୁ ଧରି ଛାନ୍‌ଭିନ କରିଥିଲା। ସେ ଦୁହେଁ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡ଼ିଥିଲା। ସେମାନଙ୍କଠାରୁ ୨୨.୪୦ କେଜି ଗଞ୍ଜେଇ, ଦୁଇଟି ଫୋନ୍, ୨୨୫୦୦ ଟଙ୍କା, ଓଜନ ଯନ୍ତ୍ର ଆଦି ଜବତ କରାଯାଇଥିଲା। ସନ୍ଦିଗ୍ଧ ଦୁଇ ବ୍ୟକ୍ତି ହେଲେ ଦୁର୍ଗାପୁରର ଅକ୍ଷୟ ସାହୁ ଓ ଆଲୋକ ସାହୁ। ଉଭୟଙ୍କୁ ଗିରଫ କରାଯାଇଛି। ଚଢ଼ଉରେ ଇନ୍ସପେକ୍ଟର ମନୋଜ ପ୍ରଧାନ, ଏସଆଇ ଶମ୍ଭୁନାଥ ପଲେଇ ପ୍ରମୁଖ ସାମିଲ ହୋଇଥିଲେ।

## ଶ୍ରମିକ ନେତା ବ୍ରହ୍ମାଶଙ୍କର ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା



ତାଳଚେର,୨୦ ।୨(ସମିସ): ତାଳଚେର ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଗୁରୁବାର ଅନୁଷ୍ଠାନର କାର୍ଯ୍ୟାଳୟରେ ଶ୍ରମିକ ନେତା ସ୍ୱର୍ଗତ ବ୍ରହ୍ମାଶଙ୍କର ମିଶ୍ରଙ୍କ ତୃତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ଫୋରମ ସଭାପତି ଗିରିଜା ଶଙ୍କର ମିଶ୍ର ଅଧ୍ୟକ୍ଷତା କରି ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର କୋଇଲା ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ନ୍ୟାୟ ଓ ହକ୍ ପାଇଁ ଜୀବନବ୍ୟାପୀ ସଂଗ୍ରାମ ଜାରି ରଖିଥିବାରୁ ଆଜି ଶ୍ରମିକମାନଙ୍କ କଲ୍ୟାଣ ସମ୍ଭବ ହୋଇପାରିଛି। ସେ ଏକାଧାରରେ ଜଣେ କବି ସାହିତ୍ୟିକ, ଲେଖକ ତଥା ଜଣେ ସ୍ପଷ୍ଟବାଦୀ ଶ୍ରମିକ ନେତା ଥିଲେ ବୋଲି ସଭାପତି ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ର, ପ୍ରେସ କ୍ଲବ ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ଆଇନଜୀବୀ ନିର୍ମଳ ତ୍ରିପାଠୀ, ବିମ୍ବାଧର ନାୟକ, ଶିକ୍ଷାବିତ ବିଭୂତି ଭୂଷଣ ମିଶ୍ର, କାଉନସିଲର ଯୋଶବନ୍ତ ମିଶ୍ର, ସନ୍ତୋଷ ବେହେରା, ବାବୁନି ସ୍ୱାଇଁ, କଂଗ୍ରେସ ନେତା କେଶବ ଭୂତିଆ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜକିଶୋର ସାହୁ, ଅନୁଷ୍ଠାନର ମିଡିଆ ସେଲେ ସଂଯୋଜକ ତପନ କୁମାର ମହାରଣା, ସୌଭାଗ୍ୟ ମହାରଣା, ପ୍ରିୟମାଧବ ଦାସ, ସମାଜସେବୀ କ୍ଷୀରୋଦ ସାହୁ, ସାମ୍ବାଦିକ ତଥା ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ବିରଜା ଶଙ୍କର ମିଶ୍ର, ଆଇ ଲର୍ଣ୍ଣ ଶିକ୍ଷାନୁଷ୍ଠାନ ପରିଚାଳକ ଚିତ୍ତରଞ୍ଜନ ପାଣି, ଶୀତିକାନ୍ତ ବାରିକ, ରବୀନ୍ଦ୍ର ମହାରଣା, ବୁବୁ ସାହୁ, ଶୀତଳକୃଷ୍ଣ ପଟ୍ଟନାୟକ, ଗିରିଆ ବାଇ, ସନ୍ତୋଷ ମହାପାତ୍ର, ସାଇପ୍ରିୟା ମହାରଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍**

## ବାଗେଡ଼ିଆକୁ ହରାଇ ସେମିରେ ବଲଣ୍ଡା



ଅନୁଗୋଳ,୨୦ ।୨(ସମିସ): ପିଟିସି ପଡ଼ିଆରେ ଆୟୋଜିତ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବାଗେଡ଼ିଆକୁ ୧-୦ ଗୋଲରେ ପରାସ୍ତ କରି ବଲଣ୍ଡା କଳିଙ୍ଗ ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଦଳ ପକ୍ଷରୁ ଜଟିଆ ତିରିଆ ଗୋଟିଏ ଗୋଲ ସ୍କୋର କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଓ ସମାଜସେବୀ ତପନ ଦେବତା ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମନୋରଞ୍ଜନ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ଆସୋସିଏସନ୍ ପକ୍ଷରୁ ରମେଶ ଚନ୍ଦ୍ର ସାହୁ, ପବନ ସାହୁ, ନିଲୁ ସାହୁ, ରୁଚିର ଦାସ, ବାପୁନ୍ ବେହେରା, ବସନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଆଠମଲ୍ଲିକ ଓ ନାଲକୋ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଜୟନ୍ତୀ ପାଳିତ



**ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**

କଣିହାଁ,୨୦ ।୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ ପୁରୋଧା ସ୍ୱର୍ଗତ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ, କଣିହାଁ ଓ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ବିଚ୍ଛନ୍ଦ ଚରଣ ପ୍ରଧାନ ସ୍ମୃତି ସଂସଦ, କଣିହାଁ ମିଳିତ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନରେ ପାଳିତ ହୋଇଛି। ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନୃସିଂହ ଚରଣ ବରାଳ, ପ୍ରାକ୍ତନ କଣିହାଁ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ବହୁମୁଖୀ ପ୍ରତିଭା ଓ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସଂଗ୍ରାମୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ମରଣିକା 'ପ୍ରଣାମ ସଂଗ୍ରାମୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟର ସାଧାରଣ ସମ୍ପାଦକ କ୍ଷୀରସିନ୍ଧୁ ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପ୍ରାକ୍ତନ କଣିହାଁ ସମିତି ସଭ୍ୟ ଦେବେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ କଷ୍ଟଚରଣ ସାମଲ, ଟୁନା ସାହୁ, ମହେଶ୍ୱର ନାଏକ, ବିଜେପି କଣିହାଁ ମଣ୍ଡଳ ସଭାପତି ସୁଶାନ୍ତ ସାମଲ, ପ୍ରେମାନନ୍ଦ ସାହୁ, ମନୋଜ କୁମାର ପ୍ରଧାନ, ନନ୍ଦକିଶୋର ପ୍ରଧାନ, ଆନନ୍ଦ ପ୍ରଧାନଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ମହାନ ସଂଗ୍ରାମୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବିଜନେସ ଆକାଉଣ୍ଟ ଖୋଲି ଠକେଇ ଅଭିଯୋଗରେ ଜଣେ ଗିରଫ

ଛେଣ୍ଡିପଦା,୨୦ ।୨(ସମିସ): ବିଜନେସ ଆକାଉଣ୍ଟ ଖୋଲି ଲୋକଙ୍କୁ ଠକେଇ ଅଭିଯୋଗରେ ଛେଣ୍ଡିପଦା ଥାନା ପୁଲିସ ମାମୁରିଆ ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମ୍ୟୁଲ ଆକାଉଣ୍ଟ ଜରିଆରେ ଦେଶବ୍ୟାପୀ ସାଇବର ଠକେଇକୁ ନେଇ ଓଡ଼ିଶା ପୁଲିସ ପକ୍ଷରୁ ଛନଭିନ ଜାରି ରହିଛି। ଏ ନେଇ କ୍ରାଇମବ୍ରାଞ୍ଚର ଚିଠି ଅନୁଯାୟୀ ଛେଣ୍ଡିପଦା ପୁଲିସ ଏକ ଠକେଇ ଘଟଣାର ତଦନ୍ତ କରି ମାମୁରିଆ ପୁରୁଣାସାହିର ସିପୁନ ସାହୁ (୨୭)ଙ୍କୁ ଗିରଫ କରିଛି। ସିପୁନ ବିଜନେସ ଆକାଉଣ୍ଟ ଖୋଲି ୪ ଥରରେ ୬୨ ଲକ୍ଷ ଟଙ୍କା ଲୁଟ୍ କରିଥିବା ଜଣାପଡ଼ିଛି।

**୪ ଥରରେ ୬୨ ଲକ୍ଷ ଲୁଟ୍**

ସିପୁନ ଛେଣ୍ଡିପଦା ପଞ୍ଜାବ ଏଣ୍ଡ ସିନ୍ଧ ବ୍ୟାଙ୍କରେ ମା' ରୁଦ୍ରାଣୀ ମ୍ୟୁଜିକାଲ ଷ୍ଟୁଡିଓ ନାଁରେ ଏକ ବିଜନେସ ଆକାଉଣ୍ଟ ଖୋଲିଥିଲେ। ତାଙ୍କ ବ୍ୟାଙ୍କ ଖାତା ନମ୍ବର ୧୨୪୯୧୧୦୦୦୦୦୧୩୭ରେ ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ଆର୍ଟିଜେସ ମାଧ୍ୟମରେ ଅନେକ ନିରୀହ ଲୋକଙ୍କୁ ବିଶ୍ୱାସ ଜନ୍ମେଇ ବିପୁଳ ପରିମାଣର ଅର୍ଥ ଆଦାୟ କରିଥିଲେ। ଉକ୍ତ ଆକାଉଣ୍ଟରେ ୨୦୨୫ ଜାନୁଆରୀ ୧, ୨, ୩ ଓ ୪ ତାରିଖରେ ୬୨ ଲକ୍ଷ ଟଙ୍କାର ଆର୍ଥିକ କାରବାର କରିଥିଲେ। ଏପରିକି ୨୦୨୫ ଜାନୁଆରୀ ୩ ତାରିଖରେ ୧୭ ଲକ୍ଷ ଟଙ୍କା ଆସିଥିବା ପୁଲିସ ଖୋଳତାଡ଼ ବେଳେ ଜାଣିବାକୁ ପାଇଥିଲା। ଏଭଳି ବେଆଇନ ଆର୍ଥିକ କାରବାର ନେଇ କଟକ କ୍ରାଇମବ୍ରାଞ୍ଚ ନଜରକୁ ଆସିଥିଲା। କ୍ରାଇମବାଞ୍ଚ ପକ୍ଷରୁ ଘଟଣାର ଖୋଳତାଡ଼ କରିବା ପାଇଁ ସ୍ଥାନୀୟ ପୁଲିସକୁ ଚିଠି କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।

## ବଜେଟ ପ୍ରତିକ୍ରିୟା



ଶୁକ୍ରବାର ବିଧାନସଭାରେ ପାରିତ ହୋଇଥିବା ବଜେଟ ସ୍ୱାଗତଯୋଗ୍ୟ। ଏଥିରେ ସବୁ ଶ୍ରେଣୀର ଲୋକଙ୍କ ସ୍ୱାର୍ଥକୁ ବିଚାରକୁ ନିଆଯାଇଛି। ବିଶେଷକରି ଗରିବ, ଖଟିଖିଆ, ଦିନମଜୁରିଆ ଉପକୃତ ହେବେ। ବଜେଟ୍‌ରେ ଅନୁଗୋଳ ବିଧାନସଭା କ୍ଷେତ୍ର ବନ୍ତଲା ଅଞ୍ଚଳର ଚାଷୀମାନଙ୍କ ଦୀର୍ଘଦିନର ଦାବି ଥିବା ହିଡିସିଂଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ଅର୍ଥ ବରାଦ କରାଯାଇ ଥିବାରୁ ଅତ୍ୟନ୍ତ ଖୁସି।

**ପ୍ରଦୀପ କୁମାର ଦେବତା,**
ସରକାରୀ ଓକିଲ



ବଜେଟ୍‌ରେ ହିଡିସିଂଙ୍ଗ କ୍ଷୁଦ୍ର ଜଳପ୍ରକଳ୍ପ ପାଇଁ ଅର୍ଥ ବରାଦ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁଗୋଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଛି। ମଧ୍ୟବିତ୍ତଙ୍କୁ ସୁହାଇଲା ଭଳି ବଜେଟ ହୋଇଛି। ଶିକ୍ଷାର ବିକାଶ ପାଇଁ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିହାତି ସ୍ୱାଗତଯୋଗ୍ୟ।

**ଅମରେଶ ସ୍ୱାଇଁ**
ସଭାପତି, ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଙ୍ଘ



ବଜେଟରେ ପୁଞ୍ଜି ନିବେଶକୁ ଗୁରୁତ୍ୱ ଦିଆଯାଇଥିବା ସତ୍ତ୍ୱେ ଶ୍ରମିକ, ଦିନମଜୁରିଆ ଓ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ସ୍ୱଷ୍ଟ ଓ ପ୍ରତ୍ୟକ୍ଷ ସହାୟତାର ଗଭୀର ଅଭାବ ପରିଲକ୍ଷିତ ହେଉଛି। ନୂଆ ଚାକିରି ସୃଷ୍ଟି, ନିୟମିତ ନିଯୁକ୍ତି, ମଜୁରି ବୃଦ୍ଧି ଏବଂ ସାମାଜିକ ସୁରକ୍ଷା ପାଇଁ ଆହୁରି ଦୃଢ଼ ପଦକ୍ଷେପ ନିଆଯିବା ଆବଶ୍ୟକ ଥିଲା। ଶ୍ରମିକଙ୍କ ଶ୍ରମ ଉପରେ ରାଜ୍ୟର ଉନ୍ନତି ନିର୍ଭର କରୁଥିବା ବେଳେ ଏହି ବଜେଟରେ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ।

**ବିଭବ ଜେନା, ଶ୍ରମିକ ନେତା**
ନାଲକୋ ସିପିପି ଏନଏସସିୟୁ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ



ରାଜ୍ୟ ବଜେଟ ସନ୍ତୁଳିତ ହୋଇଛି। ସମାଜର ସବୁ ବର୍ଗର ଲୋକଙ୍କୁ ସହାୟ ହେଲା ଭଳି ବଜେଟ ହୋଇଛି। କିନ୍ତୁ ଛକାପଞ୍ଝା ରାଜନୀତିରେ କେତେଦୂର କାର୍ଯକାରୀ ହେବ ଦେଖିବାକୁ ବାକି ରହିଲା।

**ରାମଚନ୍ଦ୍ର ସାହୁ**
ପୂର୍ବତନ ରାଜ୍ୟ ସଭାପତି, ଓଡ଼ିଶା ସେଚାଞ୍ଚଳ ଉନ୍ନୟନ (କାଡ଼ା)



ଏହି ବଜେଟ ଦୀର୍ଘବର୍ଷ ଧରି ଅବହେଳାର ଶିକାର ହୋଇଥିବା ଓଡ଼ିଶାର ସ୍ୱାସ୍ଥ୍ୟସେବା, ଗମନାଗମନ ଓ ଯୋଗାଯୋଗ, ସାଂସ୍କୃତିକ ପର୍ଯ୍ୟଟନ କ୍ଷେତ୍ରର ବିକାଶରେ ବିଶେଷ ସହାୟକ ହେବ। ଆଗାମୀ ଦିନରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ସହ ବିଦେଶୀ ପୁଞ୍ଜି ନିବେଶକଙ୍କୁ ନିଶ୍ଚିତ ଆକୃଷ୍ଟ କରିବ।

**ଅଧ୍ୟାପକ ବିଚିତ୍ରାନନ୍ଦ ନାୟକ**
ଉପାଧ୍ୟକ୍ଷ, ସରସ୍ୱତୀ ବିଦ୍ୟା ମନ୍ଦିର, ନାଲକୋନଗର



ଏହା ଏକ ଲୋକାଭିମୁଖୀ ବଜେଟ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ମଧ୍ୟ ଅଧିକ ବ୍ୟୟ ବରାଦ ହୋଇଛି। ଶ୍ରୀମନ୍ଦିର ପାଇଁ ସମର୍ପଣ ଅନ୍‌ଲାଇନ୍ ଡିଜିଟାଲ ହୁଣ୍ଡିର ବ୍ୟବସ୍ଥା କରାଯାଇଛି।

**ସଞ୍ଜୟ କୁମାର ମହାପାତ୍ର,**
ବରିଷ୍ଠ ଆଇନଜୀବୀ

## ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି ବୈଠକ

# ପାନୀୟଜଳ, ଚିକିତ୍ସା ଓ ସଚେତନତାକୁ ପ୍ରାଥମିକତା



କେନ୍ଦ୍ରାପଡ଼ା,୨୦।୨(ସମିସ): ଆଗାମୀ ଗ୍ରୀଷ୍ମଋତୁରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ୍) ପରିସ୍ଥିତିକୁ ସଫଳତାର ସହ ପରିଚାଳନା କରିବା ପାଇଁ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକ-ପ୍ରସ୍ତୁତି ବୈଠକ

### ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ନିର୍ଦ୍ଦେଶ

ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ବିଡିଓ ଓ ସ୍ୱାସ୍ଥ୍ୟ, ପୁଲିସ ସହ ଲାଇନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଉକ୍ତ ବୈଠକରେ ଗ୍ରୀଷ୍ମ ପ୍ରବାହ ସମୟରେ ପାନୀୟଜଳ ସମସ୍ୟାକୁ ସର୍ବାଧିକ ଗୁରୁତ୍ୱ ଦେଇ ସମସ୍ତ ଅଞ୍ଚଳରେ ସୁବ୍ୟବସ୍ଥିତ ଜଳଛତ୍ର ସ୍ଥାପନ, ପଶୁପକ୍ଷୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ଓ ସମସ୍ତ ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ପାଣି ଯୋଗାଣ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଛାତ୍ରଛାତ୍ରୀ ନିୟମିତ ବ୍ୟବଧାନରେ ପାଣି ପିଇବା ପାଇଁ ସଚେତନ କରିବା ସହ ବିଦ୍ୟାଳୟରେ ସ୍ୱତନ୍ତ୍ର ପାଣି ବେଲ ବ୍ୟବସ୍ଥା କରିବାକୁ କୁହାଯାଇଥିଲା।

ସେହିପରି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ମୁକାବିଲା ପାଇଁ ଆବଶ୍ୟକ ଔଷଧ, ଓଆରଏସ ଓ ଆଶୁ ଚିକିତ୍ସା ବ୍ୟବସ୍ଥା ମଜବୁତ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବା ସହ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଶ୍ରମିକଙ୍କ କାର୍ଯ୍ୟ ସମୟ ନିର୍ଦ୍ଧାରଣ କରିବାକୁ କୁହାଯାଇଥିଲା। ଏଥିସହ ଅଙ୍ଗନବାଡି କେନ୍ଦ୍ରରେ ପଙ୍ଖା ଓ ପାନୀୟଜଳ ସୁବିଧା ସୁନିଶ୍ଚିତ କରିବା, ସମସ୍ତ ଯାତ୍ରୀବାହୀ ବସରେ ପାନୀୟଜଳ ଓ ଓଆରଏସ ମହଜୁତ ରଖିବା ଓ ଗ୍ରାମ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟର ପୁରୁଣା ପାଣି ଟାଙ୍କି ସଫେଇ କରି ସ୍ୱଚ୍ଛ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବାକୁ ମଧ ପରାମର୍ଶ ଦିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ଜନସାଧାରଣଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

## ସନ୍ଥ ହୃଦୟ ଚୈତନ୍ୟ ଦାସଙ୍କ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୨୦।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଆଧ୍ୟାତ୍ମିକ ପୀଠ ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ମଠର ଅନ୍ୟତମ ମହନ୍ତ ସନ୍ଥ ହୃଦୟଚୈତନ୍ୟ ଦାସଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ହୃଦୟ ଚୈତନ୍ୟଙ୍କ ପଟ୍ଟଶିଷ୍ୟ ତଥା ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ରାଧାରମଣ ଦେବ, ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଦେବ, ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ହନୁମାନଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଭଜନ ଓ ନାମ ସଂକୀର୍ତ୍ତନ କରିଥିଲେ। ବିଭିନ୍ନ ସାଧୁସନ୍ଥଙ୍କ ପୂଜନ ଓ ସେବା କାର୍ଯ୍ୟ ସହ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କ ପୂଜା ଓ ସେବା କାର୍ଯ୍ୟ କରାଯାଇଥିଲା। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ବାବାଜୀ ରାଘବେନ୍ଦ୍ର ଦାସ, ବାବାଜୀ ପ୍ରଭୁ ଦାସ, ବାବାଜୀ ଅଜୟ ଦାସ, ବାବାଜୀ ପ୍ରେମାନନ୍ଦ ଦାସ, ବାବାଜୀ ନବୀନ ଦାସ ପ୍ରମୁଖ ବହୁ ସାଧୁସନ୍ଥ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅମ୍ବୁଜ ଭୂଷଣ ନାୟକ, ମୃତ୍ୟୁଞ୍ଜୟ ସୂତାର, ରତ୍ନେଶ ସାହୁ, ରାଧାରମଣ ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷକ ଅବଦୁଲ ମୋକିମଙ୍କ ପରଲୋକ

ପଞ୍ଚୁପାଣ୍ଡବ,୨୦।୨(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ବାଜର ନୋଡାଲ ଉପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅବଦୁଲ ମୋକିମ ଖାନ (୭୯) ଙ୍କ ପରଲୋକ ହୋଇଯାଇଛି। ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ତାଙ୍କ ମୃତ୍ୟୁ ଘଟିଥିଲା। ସେ ଭୁବନେଶ୍ୱରସ୍ଥ ଡୁମଡୁମାରେ ରହୁଥିଲେ। ସେଠାରେ ତାଙ୍କର କବର ଦିଆଯାଇଥିଲା। ମୋକିମ ସମାଜସେବୀ ଭାବେ ଜଣାଶୁଣା ଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗରୁଡ଼ ଚନ୍ଦ୍ର ସାହୁ, କୁଞ୍ଜବିହାରୀ ସାହୁ, ସମର କେଶରୀ ସାମଲ, ବଜାର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିଲିମା ସାମଲ, ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ମଲ୍ଲିକ ଶୋକ ପ୍ରକାଶ କରିଛନ୍ତି।

## ସମାଜସେବୀ ଦୁର୍ଗାଚରଣ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ଗରଦପୁର,୨୦।୨(ସମିସ): ଗରଦପୁର ବ୍ଲକ ଅନ୍ତର୍ଗତ ସାନଅଡ଼ଙ୍ଗା ପଞ୍ଚାୟତର ଅର୍ଜୁନପୁର ଗ୍ରାମର ସମାଜସେବୀ ଦୁର୍ଗାଚରଣ ସାହୁଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ, ପରିବାର ସଦସ୍ୟ ଓ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ଏକତ୍ରିତ ହୋଇ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଳା ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ସ୍ୱର୍ଗତ ସାହୁ କୃଷି ବିଭାଗରେ ଦୀର୍ଘଦିନ ଚାକିରି କରି ଅବସର ଗ୍ରହଣ କରିବା ପରେ ସମାଜସେବାକୁ ଜୀବନର ମୂଳ ଲକ୍ଷ୍ୟ ଭାବେ ଗ୍ରହଣ କରିଥିଲେ। ଗ୍ରାମର ଉନ୍ନତି, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସେ ସକ୍ରିୟ ଭାବେ ନିଜକୁ ସାମିଲ କରିଥିଲେ। ସେ ଜଣେ ପ୍ରତିଭାଶାଳୀ ସାହିତ୍ୟ ସ୍ରଷ୍ଟା ଭାବେ ମଧ ପରିଚିତ ଥିଲେ। "ଭଜନ କଳିକା' ନାମକ ଆଧ୍ୟାତ୍ମିକ ପୁସ୍ତକ ରଚନା କରି ଧାର୍ମିକ ସାହିତ୍ୟକୁ ସମୃଦ୍ଧ କରିଥିଲେ। ଆଧ୍ୟାତ୍ମିକ ଚେତନାର ପ୍ରସାର ପାଇଁ ସେ ଗ୍ରାମରେ ରାଧାକୃଷ୍ଣଙ୍କ ଏକ ମନ୍ଦିର ନିର୍ମାଣ କରିଥିଲେ। ଯାହା ଆଜି ଗ୍ରାମବାସୀଙ୍କ ପାଇଁ ଭକ୍ତି ଓ ଆସ୍ଥାର କେନ୍ଦ୍ରବିନ୍ଦୁ ହୋଇପାରିଛି। ଶ୍ରଦ୍ଧାଞ୍ଜଳି ସଭାରେ ସାନଅଡ଼ଙ୍ଗା ସରପଞ୍ଚ ଅଭୟ ମଲ୍ଲ, ସମିତିସଭ୍ୟା ସୌଦାମିନୀ ଆଚାର୍ଯ୍ୟ, ଯୁବ ନେତା ରାଜେନ୍ଦ୍ର ଆଚାର୍ଯ୍ୟ, ସାଂସଦଙ୍କ ପ୍ରତିନିଧି ବିଜୟ ନାୟକ, ସମାଜସେବୀ ନଗେନ ଦାସ ଓ ଆଇନଜୀବୀ ଲଳିତେନ୍ଦୁ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

## ଦୀନବନ୍ଧୁ ସାହୁ ଆଇନ କଲେଜରେ କ୍ୟାରିୟର କାଉନସେଲିଂ

# ଆଇନ ବୃତ୍ତିର ବ୍ୟାପକ ସୁଯୋଗ ଓ ଏଆଇର ଭୂମିକା ଉପରେ ଆଲୋଚନା



କେନ୍ଦ୍ରାପଡା,୨୦।୨(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଆଜି କ୍ୟାରିୟର ଇନ୍ ଲ ସମ୍ପର୍କିତ ଏକ କାଉସେଲିଂ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଭାବା ଆଣବିକ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ ବୈଜ୍ଞାନିକ ଫକୀର ଚରଣ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଇନ ବୃତ୍ତିର ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ କରିଥିଲେ। ସେ କହିଥିଲେ, ବର୍ତ୍ତମାନ ସମୟରେ ଆଇନ କେବଳ ଅଧିବକ୍ତା ପେଶାରେ ସୀମିତ ନୁହେଁ, ବରଂ ଏହାସହ ଜଡ଼ିତ ଅନେକ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଚାକିରିର ବିଶାଳ ସୁଯୋଗ ରହିଛି। ବିଶେଷକରି ବାଙ୍ଗାଲୋର ଭଳି ଶିକ୍ଷା ଓ ପ୍ରଯୁକ୍ତି କେନ୍ଦ୍ରର ଅନୁଭବ ଉଦାହରଣ ଦେଇ ସେ ଛାତ୍ରଛାତ୍ରୀଙ୍କୁ ଆଇନ ଶିକ୍ଷା ସହିତ ନୂତନ ପ୍ରଯୁକ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ। ବ୍ୟକ୍ତିଗତ ପ୍ରଚେଷ୍ଟା, ଦକ୍ଷତା ବୃଦ୍ଧି ଓ ସଠିକ ମାର୍ଗଦର୍ଶନ ମାଧ୍ୟମରେ ଉଜ୍ଜ୍ୱଳ କ୍ୟାରିୟର ଗଢ଼ିବା ସମ୍ଭବ ବୋଲି ସେ ଉଲ୍ଲେଖ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ଆଇନ ବୃତ୍ତି ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ଶ୍ରୀ ପରିଡ଼ା ସେଗୁଡ଼ିକର ସନ୍ତୋଷଜନକ ଉତ୍ତର ଦେଇଥିଲେ। ସେ ଆହୁରି କହିଥିଲେ, ଆଗ୍ରହୀ ଓ ଆବଶ୍ୟକତାରେ ଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ସହ ଆବଶ୍ୟକୀୟ ଉପକରଣ ଓ ତଥ୍ୟ ବିନାମୂଲ୍ୟରେ ପ୍ରଦାନ କରାଯିବ। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରବୀନ୍ଦ୍ର କୁମାର ବଳ କାର୍ଯ୍ୟକ୍ରମର ଉପସଂହାର କରିବା ସହ ଅତିଥିଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାଉନସେଲିଂ ସଭା ଛାତ୍ରଛାତ୍ରୀଙ୍କୁ ଆଇନ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ନୂତନ ପ୍ରେରଣା ଯୋଗାଇଥିବା ମତ ପ୍ରକାଶ ପାଇଥିଲା।

## କାର୍ ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

ଡେରାବିଶ, ୨୦।୨(ସମିସ): କଟକ-ଚାନ୍ଦବାଲି ରାଜରାସ୍ତାର ଜଣ୍ଟିଲୋ ଛକ ନିକଟରେ ଆଜି ସନ୍ଧ୍ୟାରେ ଏକ ଅଜଣା କାର ଧକ୍କାରେ ୩ ଜଣ ବାଇକ୍ ଆରୋହୀ ଗୁରୁତର ହୋଇ କେନ୍ଦ୍ରାପଡ଼ା ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ବାଇକ୍‌ରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ୩ ଜଣ ଯୁବକ କେନ୍ଦ୍ରାପଡ଼ା ଯାଉଥିବାବେଳେ କଟକ ଅଭିମୁଖେ ଯାଉଥିବା ଏକ କାର୍ ଧକ୍କା ଦେଇ ଦ୍ରୁତଗତିରେ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକ ଗୁରୁତର ୩ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ।

## ■ ମାଟ୍ରିକ ପରୀକ୍ଷା ସମୟରେ ଅପେରାକୁ ଅନୁମତି

# ପାଠପଢ଼ା ବ୍ୟାଘାତ ନେଇ ସାଧାରଣରେ ଅସନ୍ତୋଷ

ରାଜକନିକା,୨୦।୨(ସମିସ): ଏବେ ମାଟ୍ରିକ ପରୀକ୍ଷା ଚାଲିଥିବା ଦୁଇ ଦୁଇଟି ସ୍ଥାନରେ ଅପେରା ଚାଲିଛି। ଫଳରେ ମାଟ୍ରିକ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପଢ଼ିବାରେ ବ୍ୟାଘାତ ସୃଷ୍ଟି କରୁଥିବାବେଳେ ଉଚ୍ଚ ସ୍ୱରରେ ମାଇକ ପ୍ରଚାର ମଧ ହଇଚଇ ହେଉଛି। ହେଇ ହେଇ ଆଇଲା ଲୋ, ଆଜି ଘାଣ୍ଟିବ, ଆଜି ବାହାରିବ ଅମୁକ ଅମୁକ... ଆଦି ରଡ଼ି ଶୁଣି ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଗାଁ ଗହଳିରେ ଉଚ୍ଚ ସ୍ୱରରେ ମାଇକ ଡାକି ବଜାଇ ହଙ୍ଗାମା କରୁଥିବାବେଳେ କୋମଳମତି ଛାତ୍ରଛାତ୍ରୀ ଏଥିପାଇଁ ଅଧିକ ପ୍ରଭାବିତ ହେଉଛନ୍ତି। ଯାତ୍ରା ଦେଖି ନ ପାରିବାର ମନସ୍ତାପ ସହ ନାଟକ, ରେକର୍ଡ ଡ୍ୟାନ୍ସ ଦେଖିବାକୁ ହାଇପାଇଁ ହେଉଥିବା ମାଟ୍ରିକ ପିଲାଙ୍କ ମନ ପାଠପଢାରେ ମନ ରହୁନି। ନିଜ ଗାଁରେ ବା ଗାଁ ପାଖରେ ହେଉଥିବା ଯାତ୍ରା ଦେଖି ନ ପାରି ମାନସିକ ଭାବେ ଦୁଃଖିତ ହେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ମାଟ୍ରିକ ପରୀକ୍ଷା ସମୟରେ କେମିତି ପ୍ରଶାସନ ଯାତ୍ରା ଅନୁମତି ଦେଉଛି, ତାହା ଅତ୍ୟନ୍ତ ସମ୍ବେଦନ ସାବ୍ୟସ୍ତ ହୋଇଛି।

ରାଜକନିକ ଅଞ୍ଚଳର କାଟଣା ଓ ବାଙ୍ଗରକୁଆଁରେ ଯାତ୍ରା ଅନୁଷ୍ଠାନ ଯାତ୍ରା ଜାରି ରଖିଛନ୍ତି। କାଟଣା ଅଞ୍ଚଳରେ ତାରାମଣୀ କପିଳେଶ୍ୱର ହାଇସ୍କୁଲ, ସମବାୟ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଚାରିଦେଶ ଆଦର୍ଶ ବାଳିକା ବିଦ୍ୟାଳୟର ପ୍ରାୟ ୨ ଶହ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉଥିବାବେଳେ ବାଙ୍ଗରକୁଆଁ, ଦେଉଳି, ସିକୁଡି, ଗୁଆଳିଗାଁ, ବରାଙ୍ଗ ଆଦି ଗାଁର ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। କ୍ୟାରିୟର ଗଢିବାର ଠିକ୍ ସମୟରେ ମାଟ୍ରିକ ପିଲାଙ୍କ ମାନସିକ ସ୍ଥିତିକୁ ପ୍ରଭାବିତ କରୁଥିବା ଏହି ଦୁଇ ଯାତ୍ରା ପରେ ମଧ ଆହୁରି ଅନେକ ଜାଗାରେ ଯାତ୍ରା ଆରମ୍ଭ ହେବ। ପିଲାଙ୍କୁ ଡିଜେ ସାଉଣ୍ଡ, ଯାତ୍ରା ପ୍ରଚାର ଆଦି ଅସ୍ତବ୍ୟସ୍ତ କରୁଥିବାବେଳେ ପ୍ରଶାସନ କେମିତି ଏହି ସମୟରେ ଯାତ୍ରାକୁ ଅନୁମତି ଦେଉଛନ୍ତି, ତାହାକୁ ନେଇ ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ ମାଟ୍ରିକ ପରୀକ୍ଷା ସମୟରେ ଯାତ୍ରା ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରଖିବାକୁ ଅଭିଭାବକ ଅଶ୍ୱିନୀ ସାହୁ, ନୀଳାମ୍ବର ନାୟକ, ଅଶୋକ ପତି ପ୍ରମୁଖ ଦାବି କରିଛନ୍ତି।

## ଗହୀରମଥାରୁ ଟ୍ରଲର ଜବତ, ୮ ଜଣ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୦।୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନ



ବିଭାଗର ପାଟ୍ରୋଲିଂ ଟିମ ମା' ଦେବୀ-୧୨ ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ସଞ୍ଜୀବ କୁମାର ଦାଶ ଓ ବନ ବିଭାଗ କର୍ମଚାରୀ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୧ଟି ଜିପିଏସ, ୨ଟି ଭିଏଚଏଫ,୧ଟି ଫିସ୍ ଫାଇଣ୍ଡର, ୧୨ଟି ଟ୍ରଲିଂ ନେଟ ଓ ୩ କ୍ୱିଣ୍ଟାଲ ୮୦ କିଲୋଗ୍ରାମ ମାଛ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜୀବୀ ବାପି ତରାଇ, ରାମଚନ୍ଦ୍ର ମଲ୍ଲିକ, ସଞ୍ଜୟ ବେହେରା, ପ୍ରହ୍ଲାଦ ପରିଡ଼ା, ରୋହିତ ମଲିକ, ମହେଶ୍ୱର ପରିଡା, ଆଦିକନ୍ତ ମାଝୀ, ଶରତ ମଲିକ ପ୍ରମୁଖ ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛି। ଗିରଫ ମତ୍ସ୍ୟଜୀବୀ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି।

## ସୁମନ୍ତ ସେଠୀ ବ୍ଲକ୍ କଂଗ୍ରେସର ଅନୁସୂଚିତ ଜାତି ସେଲ୍ ସଭାପତି



ଡେରାବିଶ,୨୦।୨(ସମିସ): କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ୍ କଂଗ୍ରେସର ଅନୁସୂଚିତ ଜାତି ବିଭାଗ ସେଲ୍ ସଭାପତି ଭାବେ ସୁମନ୍ତ କୁମାର ସେଠୀଙ୍କୁ ମନୋନୀତ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ସେଲ୍ ଉପାଧ୍ୟକ୍ଷ କ୍ଷୀରୋଦ ପାତ୍ର ଜିଲ୍ଲା ସଭାପତି କାର୍ତ୍ତିକ ଚନ୍ଦ୍ର ମଲିକଙ୍କୁ ଚିଠି ମାଧ୍ୟମରେ ଏହା ଜଣାଇ ଦେଇଛନ୍ତି। ସୁମନ୍ତଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଥବାରୁ ସେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନୁସୂଚିତ ଜାତି ସେଲ୍‌ର ଉପାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ପାତ୍ରଙ୍କ ସମେତ ଜିଲ୍ଲା ସଭାପତି କାର୍ତ୍ତିକ ଚନ୍ଦ୍ର ମଲିକ, ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ସମତେ ରାଜ୍ୟ ଓ ଜିଲ୍ଲାସ୍ତରୀୟ ସମସ୍ତ ନେତୃମଣ୍ଡଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ● ୨୦ ଦିନ ଧରି ମଣ୍ଡିରେ ପଡ଼ିରହିଛି ଧାନ

# ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି

ପଞ୍ଚୁପାଣ୍ଡବ, ୨୦।୨(ସମିସ): ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତି ଓ ନହଙ୍ଗ ଧାନମଣ୍ଡି ବୁଲି ଚାଷୀଙ୍କ ସମସ୍ୟା ବୁଝିଛନ୍ତି ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ। ଶୀଘ୍ର ସମାଧାନ ନ କଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି କଂଗ୍ରେସ ନେତା। ଧାନ ମଣ୍ଡି ବୁଲି ଚାଷୀଙ୍କ ଧାନ ବିକ୍ରି ପ୍ରକ୍ରିୟା କେଉଁଭଳି ଭାବେ ଚାଲିଛି, ସେ ବୁଲି ଦେଖିଥିଲେ। ଚାଷୀଙ୍କ ପାଇଁ ବିଷୟରେ ପଚାରି ସମ୍ପାଦକଙ୍କ ସହ ସମ୍ପର୍କରେ ଶ୍ରୀ କାନୁନଗୋ ଏଥିସହ ଧାନ ବିକ୍ରିରେ ହେଉଥିବା ଅସୁବିଧା ବୁଝି ସମବାୟ ସମିତି ଆଲୋଚନା କରିଥିଲେ। ଏହି ଦୁଇ ସମିତିର ଚାଷୀଙ୍କ ଧାନ ମାସ ମାସ ଧରି ସରକାର ଟାର୍ଗେଟ ଦେଉନାହାନ୍ତି, ଧାନ କିଣାରେ କଟନୀ ଛଟନୀ ହେଉଥିବା, ମିଲ ମାଲିକ ସମବାୟ ସମିତି ସମ୍ପାଦକଙ୍କୁ ଝୋଟ ଅଖା ଦେଉନାହାନ୍ତି, କେଉଁଠାରେ ଧାନ ମଣ୍ଡିରୁ ନ ଉଠାଇ ଆଜି କାଲି କହି ସମୟ ଗଡ଼ାଇ ଚାଲିଛନ୍ତି। ମିଲର ଧାନ ନ ଉଠାଇବା ଯୋଗୁଁ ୨୦ରୁ ଅଧିକ ଦିନ ପଡି ରହି ଧାନ ନଷ୍ଟ ହେଉଛି। ଫଳରେ ଚାଷୀ ସମସ୍ତ ଦିଗରୁ ଶୋଷଣ ହୋଇ ହତାଶ ହେଉଥିବା ଶ୍ରୀ କାନୁନଗୋଙ୍କ ନିକଟରେ କହିଥିଲେ ସ୍ଥାନୀୟ ଅଞ୍ଚଳର ଚାଷୀ। ଏ ସମସ୍ତ ବିଷୟରେ ଶ୍ରୀ କାନୁନଗୋ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରି ଚାଷୀଙ୍କ ସମସ୍ୟା ବିଷୟରେ ଜଣାଇବା ସହ ସମସ୍ତ ସମସ୍ୟା ର ସମାଧାନ ଶୀଘ୍ର କରିବା ପାଇଁ କହିଥିଲେ। ଯଦି ଆଗକୁ ଏହି ସମସ୍ୟା ଲାଗିରହେ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏ ଅବସରରେ ବ୍ଲକ କଂଗ୍ରେସ ସଭାପତି ରାଜୀବଲୋଚନ ମିଶ୍ରଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

## ୨ ବାଇକ୍ ଧକ୍କା, ଜଣେ ମୃତ

କେନ୍ଦ୍ରାପଡ଼ା,୨୦।୨(ସମିସ): ୫୩ନଂ ଜାତୀୟ ରାଜପଥର ଦୁହୁରିଆ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଡେରାବିଶ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଯୋଗେନ୍ଦ୍ର ନାୟକଙ୍କ ସାନପୁଅ ଚିତ୍ତପ୍ରକାଶ ନାୟକ (୨୫)। ଆଜି ସକାଳ ପ୍ରାୟ ସାଢେ ୮ଟା ସମୟରେ ଚିତ୍ତପ୍ରକାଶ ବାଇକ ଯୋଗେ ଦୁହୁରିଆ-ପାଣ୍ଡିରୀ ରାସ୍ତାରୁ ୫୩ନଂ ଜାତୀୟ ରାଜପଥ ଉପରକୁ ଚଢୁଥିବାବେଳେ ଚଣ୍ଡିଖୋଲ ପାଶ୍ୱର୍ରୁ ଆସୁଥିବା ଅନ୍ୟଏକ ବାଇକ ସହ ଧକ୍କା ହୋଇଥିଲା। ସେ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପହଞ୍ଚିବା ପରେ ଡାକ୍ତର ଚିତ୍ତପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ।

## ଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ ଆରମ୍ଭ



ରାଜନଗର, ୨୦।୨(ସମିସ): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତର ମହୁଲିଆଠାରେ ଆଜିଠାରୁ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଆରମ୍ଭ ହୋଇଛି। ଶାନ୍ତି ଆନନ୍ଦାଶ୍ରମ, କରମଳାର ଭଗବଦ ଗୋଷ୍ଠୀ ଓ ମହୁଲିଆ ପଞ୍ଚାୟତବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସନାତନ ଧର୍ମ ସମ୍ମିଳନୀ ପାଇଁ ଆଜି ସକାଳ ୮ ଘଟିକାରେ ରାଜନଗର ତହସିଲ କଲୋନୀସ୍ଥ ଆଶ୍ରମରୁ ଶ୍ରୀଶ୍ରୀ ଠାକୁର ଅଭିରାମ ପରମହଂସ ଦେବଙ୍କୁ ଭବ୍ୟ ଓ ଦିବ୍ୟ ସଂକୀର୍ତ୍ତନ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପ ଯାଏଁ ପାଛୋଟି ନିଆଯାଇଛି। ରାଜନଗର ଆଶ୍ରମରୁ ବାହାରିଥିବା ଠାକୁରଙ୍କ ଶୋଭାଯାତ୍ରା ରାଜନଗର ବଜାର ଓ ଗାଁ ପରିକ୍ରମା କରିଥିଲା। ପରେ ମହିଁଷାସୁର, କୁରୁଣ୍ଟି, ହାତିନା, ଡେରା ପଞ୍ଚାୟତ ପରିକ୍ରମା କରି ମହୁଲିଆ ପଞ୍ଚାୟତର ଗାଁ ପରିକ୍ରମା କରି ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲା। ବାବାଜୀ ହରେକୃଷ୍ଣ ଦାସ ମହାରାଜ, ବାବାଜୀ ବନବିହାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଠାକୁରଙ୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଟ ସାରା ଠାକୁରଙ୍କୁ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ସମ୍ମିଳନୀ ସ୍ଥଳରେ ଶ୍ରୀ ଶ୍ରୀ ଠାକୁରଙ୍କୁ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଶାନ୍ତି ଧାମ କରମଳାର ବାବାଜୀ ହରେକୃଷ୍ଣ ଦାସ ଏହି ଧର୍ମ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଉଦଘାଟନ ପରେ ସନ୍ଧ୍ୟାରେ ଠାକୁରଙ୍କ ଷୋଡ଼ଶ ଉପଚାର ପୂଜା ଓ ସନ୍ଧ୍ୟା ଆରତୀ କରାଯାଇଛି। ପ୍ରଥମ ଦିନ ସନ୍ଧ୍ୟାରେ ବାବାଜୀ ସଦାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଧର୍ମସଭାରେ ଧର୍ମାନନ୍ଦ ଦାସମହାରାଜ, ବାବାଜୀ ତ୍ରିଲୋଚନ ଦାସମହାରାଜ, ବାବାଜୀ ବନବିହାରୀ ଦାସମହାରାଜ ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି। ମହୁଲିଆ ପଞ୍ଚାୟତ ଭକ୍ତ ସମିତି ସଭାପତି ବିଶ୍ୱନାଥ ରାଉତ, ସମ୍ପାଦକ ବୈକୁଣ୍ଠ ନାଥ ଦାସ, ସରପଞ୍ଚ ମଞ୍ଜୁଳା ଦାସ, ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ, ଗଙ୍ଗାଧର ଦାସ, ଶତ୍ରୁଘନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ଢୋଲ ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ



କେନ୍ଦ୍ରାପଡ଼ା,୨୦।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଢୋଲ ପଞ୍ଚାୟତର ଢୋଲ ଗ୍ରାମରେ ସପ୍ତଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞରେ ଆଖପାଖ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗରାପୁର ଶିବାନନ୍ଦ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମହାଯଜ୍ଞକୁ ଉଦଘାଟନ କରିଥିଲେ। ଏ ଅବସରରେ ସେ ଯଜ୍ଞର ଆଧ୍ୟାତ୍ମିକ ଓ ସାମାଜିକ ମହତ୍ତ୍ୱ ସମ୍ପର୍କରେ ଆଶୀର୍ବଚନ ପ୍ରଦାନ କରି କହିଥିଲେ, ଯଜ୍ଞ ଦ୍ୱାରା ପ୍ରକୃତିର ସମତୁଳନ ରକ୍ଷା ପାଇଥାଏ ଓ ବର୍ଷା ସମୟମତେ ହୋଇ ପୃଥିବୀ ଶସ୍ୟଶାମଳା ହୁଏ। ସେ ଆହୁରି କହିଥିଲେ, ଯଜ୍ଞ ସନାତନ ଧର୍ମର ଏକ ପବିତ୍ର ପାରମ୍ପରିକ କ୍ରିୟା ଅଟେ। ଯଦ୍ୱାରା ପଞ୍ଚଭୂତ ପବିତ୍ର ହୋଇଥାଏ ଓ ପୃଥିବୀରେ ଶାନ୍ତି ଓ ସମୃଦ୍ଧି ସ୍ଥାପିତ ହୋଇଥାଏ। ଯଜ୍ଞ ମାଧ୍ୟମରେ ଦେବଦେବୀ ସନ୍ତୁଷ୍ଟ ହୋଇ ମାନବ ସମାଜକୁ ଅନ୍ନ ଓ ସମୃଦ୍ଧିର ଆଶୀର୍ବାଦ ପ୍ରଦାନ କରିଥା'ନ୍ତି ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ମହାଯଜ୍ଞରେ ଶିବପ୍ରସାଦ ଦାସ, ଶ୍ରୀଜଗନ ଦଇତାପତି, ପ୍ରମୋଦ ପୃଷ୍ଟି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧୁସନ୍ଥ ଯୋଗଦେଇ ଯଜ୍ଞର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ମତ ପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ

# ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସମ୍ମାନ ଓ ସଚେତନତା ଉପରେ ଗୁରୁତ୍ୱ



କେନ୍ଦ୍ରାପଡ଼ା,୨୦।୨(ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ସ୍ଥାନୀୟ ଜିଲ୍ଲା ମିଶନ ଶକ୍ତି ଭବନ ସଭାଗୃହରେ ପାଳିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ ବୋଲି ଉଲ୍ଲେଖ କରିଥିଲେ। ସେମାନଙ୍କ ଧନ, ଜୀବନ ଓ ସୁରକ୍ଷା ପାଇଁ ସରକାର ବହୁବିଧ ଯୋଜନା ପ୍ରଣୟନ କରିଥିବା ସହ ପରିଚୟପତ୍ର ପ୍ରଦାନ ଓ ସାମାଜିକ ସୁରକ୍ଷା ସୁବିଧା ସୁନିଶ୍ଚିତ କରାଯାଉଥିବା ସୂଚନା ଦେଇଥିଲେ। ସମ୍ମାନିତ ଅତିଥିମାନେ ବରିଷ୍ଠ ନାଗରିକଙ୍କୁ ସାଇବର ଠକେଇ ଓ ଡିଜିଟାଲ ଠକେଇରୁ ସତର୍କ ରହିବା ପାଇଁ ସଚେତନ କରିବା ସହ ନିର୍ଯାତନାର ଶିକାର ହେଲେ କିପରି ମାଗଣାରେ ଆଇନର ସହାୟତା ନେଇପାରିବେ, ସେନେଇ ଆଲୋଚନା କରିଥିଲେ। ସମାଜ ଓ ସରକାରଙ୍କ ସହଯୋଗ ମିଳିଲେ, ବରିଷ୍ଠ ନାଗରିକ ସମ୍ମାନର ସହିତ ଜୀବନଯାପନ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା।

ଏ ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ଯୋଗଗୁରୁ ସଞ୍ଜୟ ମଥାନଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୨୦୦ରୁ ଅଧିକ ବରିଷ୍ଠ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସରକାରୀ ସୁବିଧା ଓ ସଚେତନତା ସମ୍ପର୍କରେ ଅବଗତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମିଶନ ଶକ୍ତି, ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଓ ବିଭିନ୍ନ ବ୍ଲକ, ପୌରସଂସ୍ଥା କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ସଦର ମହକୁମା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା ଧନ୍ୟବାଦ ଦେଇଥିଲେ।

ସକାଳ THE SAKALA



www.sakalaepaper.com

## ସଂଗ୍ରାମୀଙ୍କୁ ମନେ ପକାଇଲା ଗାଁ ମାଟି

# 'ଗୌରାଙ୍ଗ ଓ ଶଶୀଭୂଷଣ ଥିଲେ ବାଗଲପୁର ମାଟିର ମହକ'



ବିରିଡି,୨୦।୨(ସମିସ): ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ୨୨ମୌଜା ବାଗଲପୁର ସଂଗ୍ରାମ ମାଟିର ମହକ ଥିଲେ ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ ଓ ତାଙ୍କ ସୁପୁତ୍ର ସଂଗ୍ରାମୀ ଶଶୀଭୁଷଣ ଦାସ। ସେମାନେ ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ ଥିଲେ। ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ରାଣଦେବୀ, ବିନୋଦ କାନୁନଗୋ, ରାଜକୃଷ୍ଣ ବୋଷ ଭଳି ଅନେକ ମୁକ୍ତିଯୋଦ୍ଧା ସଂଗ୍ରାମୀଙ୍କ ସହ ପାଦରେ ପାଦ ମିଶାଇ ଦେଶ ସ୍ୱାଧୀନ କରିବାର ସଂକଳ୍ପ ନେଇ ଉଭୟ ବାପାପୁଅ ଜେଲ ଯାଇଥିଲେ।

ସମାଜସେବୀ ଲିଙ୍ଗରାଜ ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୌରାଙ୍ଗ ଚରଣ ଦାସଙ୍କ ୫୪ତମ ଓ ଶଶୀଭୁଷଣ ଦାସଙ୍କ ୧୫ତମ ଶ୍ରାଦ୍ଧଉତ୍ସବରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଏଭଳି ବକ୍ତବ୍ୟ ରଖିଛନ୍ତି। ପ୍ରାରମ୍ଭରେ ଗୌରାଙ୍ଗ ଚରଣ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସହ ଶ୍ୟାମସୁନ୍ଦର ପାଇକରାୟ ପତାକା ଉତ୍ତୋଳନ କରିଥିଲେ। ପରେ ମୁଖ୍ୟ ପୃଷ୍ଠପୋଷାକ ପ୍ରଶାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଏବଂ ପୂଜ୍ୟପୂଜା ପରିଷଦର ସଭାପତି ନିକୁଞ୍ଜବିହାରୀ ଭଞ୍ଜ, ସମ୍ପାଦକ ବସନ୍ତ କୁମାର ବେହେରା, ତରୁଣ ଦାସ, ସଞ୍ଜୟ ଦାସ, ବାଉରୀବନ୍ଧୁ ପରିଡା, ସୂର୍ଯ୍ୟ ଶତପଥୀ, ଅଜୟ ପରିଡା, ଗୋପାଳ ଦାସ, ନିରଞ୍ଜନ ଦାସଙ୍କ ପରିଚାଳନାରେ ନିକୁଞ୍ଜ ବିହାରୀ ଭଞ୍ଜ ପ୍ରାରମ୍ଭିକ ସୂଚନା ପ୍ରଦାନ ପରିବା ପରେ ପ୍ରଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବରଣ୍ୟ ଅତିଥି ଭାବେ ମାନବାଧିକାର କମିଶନଙ୍କ ବରିଷ୍ଠ ସଦସ୍ୟ ଅସୀମ ଅମିତାଭ ଦାସ, ସ୍ତମ୍ଭକାର ବିରୂପାକ୍ଷ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁଗୋ, ସ୍ୱାଧୀନତା ସଂଗ୍ରାମୀ କ୍ରିଷ୍ଣା ମହାନ୍ତି, କବିତା ଦାସ, ଉତ୍କଳ ରଞ୍ଜନ ମହାନ୍ତି, ପୂର୍ବତନ କଂଗ୍ରେସ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ସୁନାଭଉଣୀ ପତ୍ରିକାର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ବାଗ୍ମୀ ଅରୁଣ କୁମାର ଦାସ, ଅତୁଲ ବିକ୍ରମ ପ୍ରଧାନ, ଦେବୀ ଚୌଧୁରୀ, କ୍ଷୀରୋଦ ମହାପାତ୍ର, ଖଗେଶ୍ୱର ସେଠୀ, ମହେନ୍ଦ୍ର ଆଶ୍ଚର୍ଯ୍ୟ, ସମାଜସେବୀ ଗୋବିନ୍ଦ ଓଝା, ବିଶ୍ୱଜିତ ମହାନ୍ତି, ବିଜେପି ନେତା ରାଜକିଶୋର ବେହେରା, ନାରୀନେତ୍ରୀ ସୁଜାତା ବାରିକ, ଚିତ୍ତରଞ୍ଜନ ମହାନ୍ତି, ଗୀତାଞ୍ଜଳି ସାହୁ, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ତରୁଣ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ




ଜଗତସିଂହପୁର,୨୦।୨(ସମିସ):

ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ କହିଲେ ଯେ, ବରିଷ୍ଠ ନାଗରିକ ମାନେ ଆମ ପାଇଁ ଚିର ନମସ୍ୟ। ସେମାନଙ୍କର ସୁରକ୍ଷା ଓ କଲ୍ୟାଣ ଆମ ସମସ୍ତଙ୍କର ଦାୟିତ୍ୱ। ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣା ବେକ୍ଷଣ ଓ କଲ୍ୟାଣ ଆଇନ-୨୦୦୭ ସମ୍ପର୍କରେ ଆଲୋଚନା କରିବା ସହ ଆଇନ କାର୍ଯ୍ୟକାରୀ କରୁଥିବା ଅଧିକାରୀ ମାନଙ୍କୁ ସମ୍ବେଦନଶୀଳ ହେବାପାଇଁ ପରାମର୍ଶ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଲିଲ ଘୋଷ ଏବଂ ଭଜହରି କର ଯୋଗଦେଇଥିଲେ। ଜିଲ୍ଲା ଇ-ଲ-ଶାସନ ପରିଚାଳକ ଅରବିନ୍ଦ ଆଚାର୍ଯ୍ୟ ଏବଂ ସାଇବର ଥାନା ଡିଏସ୍‌ପି ସବିତା ପରିଡ଼ା ସାଇବର ଠକେଇ ଓ ସଚେତନତା ବିଷୟରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କ ମ୍ୟାନେଜର ରାଜଲକ୍ଷ୍ମୀ ମହାନ୍ତି, ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ସୁବିଧା ସଂପର୍କିତ ସଚେତନତା ବାର୍ତ୍ତା ଦେଇଥିବା ବେଳେ ସିଏଚସିର ଜିଲ୍ଲା ସଂଯୋଜକ ଦୀପକ ଦାସ ଆୟୁଷ୍ମାନ ଭାରତ ଓ ବୟୋବନ୍ଦନା ସ୍ୱାସ୍ଥ୍ୟ କାର୍ଡ ସମ୍ବନ୍ଧରେ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ମହାମଞ୍ଚର ସଭାପତି ନିକୁଞ୍ଜ କିଶୋର ବେହେରା ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ଯୋଗ ଶିବିର, ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ।

# ପାରାଦୀପ ବନ୍ଦର ପକ୍ଷରୁ ମତ୍ସ୍ୟଜୀବୀଙ୍କ କର୍ମଶାଳା



ପାରାଦୀପ, ୨୦।୨ (ସମିସ): ଏମପିଇଡିଏ-ନେଟ୍‌ଫିସ ଓ ପାରାଦୀପ ପୋର୍ଟ ଅଥରିଟିଙ୍କ ମିଳିତ ପ୍ରୟାସରେ ଆଜି ପାରାଦୀପ ମାଛଧରା ବନ୍ଦରରେ 'ମାଛଧରା ବୋଟ୍‌ରେ ସ୍କ୍ୱାର୍ ମେଶ୍ କୋଡଏଣ୍ଡ ଓ ଟର୍ଟଲ୍ ଏକ୍ସକ୍ଲୁଜର୍ ଡିଭାଇସ୍‌ର ଲାଭ' ସମ୍ପର୍କିତ ଏକଦିନିଆ ସଚେତନତା କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା। ଏହା ପାରାଦୀପ ପୋର୍ଟ ଅଥରିଟିର କର୍ପୋରେଟ୍ ସୋସିଆଲ୍ ରେସପନ୍ସିବିଲିଟି (ସିଏସ୍‌ଆର) ଉଦ୍ୟମ ଅଧୀନରେ ଆୟୋଜିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ହେଲା ଦାୟିତ୍ୱଶୀଳ ମାଛଧରା ପ୍ରଚଳନାକୁ ପ୍ରୋତ୍ସାହନ, ସମୁଦ୍ରୀୟ ସମ୍ପଦର ସୁରକ୍ଷା ଓ ମତ୍ସ୍ୟଜୀବୀ ସୁସ୍ଥାୟୀ ଜୀବିକା ବିକାଶ। ଏଥିରେ ପାରାଦୀପ ପୋର୍ଟ ଅଥରିଟିର ଅଧ୍ୟକ୍ଷ ପିଏଲ ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏମପିଇଡିଏ-ନେଟଫିସ ଅଧିକାରୀମାନେ ପାରମ୍ପରିକ ଡାୟମଣ୍ଡ ମେଶ୍ ସହିତ ତୁଳନାରେ ସ୍କ୍ୱାର୍ ମେଶ୍ କୋଡଏଣ୍ଡ ଲାଭ, କିଶୋର ମାଛ ସୁରକ୍ଷା ଓ ଧରା ମାଛର ଗୁଣମାନ ବୃଦ୍ଧି, ଟେଡର କାର୍ଯ୍ୟପ୍ରଣାଳୀ ଓ ସ୍ଥାପନ ପ୍ରକ୍ରିୟା ସଂପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ବହୁ ସଂଖ୍ୟକ ଟ୍ରଲର୍ ମାଲିକ, ବନ୍ଦର କର୍ମଚାରୀ, ମତ୍ସ୍ୟଜୀବୀ ସଂଘ ପ୍ରତିନିଧି ଓ ଅନ୍ୟାନ୍ୟ ହିତାଧିକାରୀମାନେ ଅଂଶ ଗ୍ରହଣ କରି ସୁସ୍ଥାୟୀ ମାଛଧରା ପ୍ରଚଳନା ଗ୍ରହଣ କରିବାକୁ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ଏହି ପଦକ୍ଷେପ ଓଡିଶାରେ ଦାୟିତ୍ୱଶୀଳ ମତ୍ସ୍ୟ ପରିଚାଳନା, ସମୁଦ୍ର ପରିବେଶ ସୁରକ୍ଷା ଓ ମତ୍ସ୍ୟଜୀବୀ ସମୁଦାୟର ସାମାଜିକ-ଆର୍ଥିକ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉକ୍ତ କର୍ମଶାଳାରେ ଏମପିଇଡିଏର ଉପନିର୍ଦ୍ଦେଶକ ଆର୍ଚିମାନ ଲାହିରୀ, ଭୁବନେଶ୍ୱର ଓମ୍ଫାର ସଭାପତି ଶ୍ରୀକାନ୍ତ ପରିଡା, ଏସସିଓ ନେଟଫିସ ଓଡିଶା ଏସ୍‌କେ ମହାପାତ୍ର, ଓମ୍ଫାର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ପାରାଦୀପ ମାଛଧରା ବନ୍ଦରର ଏଚ୍‌ଡିସି ଜଗନ୍ନାଥ ସ୍ୱାଇଁ ଓ ଓମ୍ଫା ଉପସଭାପତି ପ୍ରହଲ୍ଲାଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ହରେକୃଷ୍ଣ ସାମଲଙ୍କ ସ୍ମୃତିଚାରଣ ଓ ପୁସ୍ତକ ଉନ୍ମୋଚନ



କୁଜଙ୍ଗ,୨୦।୨(ସମିସ): ଚାରିଥରର ସରପଞ୍ଚ, କଳିଙ୍ଗ କର୍ଣ୍ଣଧାର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ପୂର୍ବତନ ସଦସ୍ୟ, କୈବର୍ତ୍ତ ତଥା ଚାଷୀ ନେତା, କୁଜଙ୍ଗର ଗଣ୍ଡକୀପୁର ପଞ୍ଚାୟତରେ ସ୍କୁଲ, ବ୍ୟାଙ୍କ ଓ ଡାକ୍ତରଖାନା ତିଆରି କରିବାରେ ପ୍ରମୁଖ ପୁରୋଧା ସାଜିଥିବା ହରେକୃଷ୍ଣ ସାମଲଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମଙ୍ଗରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା ଅନୁଷ୍ଠିତ ସ୍ମୃତିସଭାରେ ବାଗ୍ମୀ ତଥା ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ପ୍ରଭାକର ଭଟ୍ଟ ସଂଯୋଜନା କରିଥିଲେ। ଏଥିରେ ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ ଓ ପୂର୍ବତନ ସାଂସଦ ଡା. କୁଳମଣି ସାମଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପଗଡ଼ ପୂର୍ବତନ ସରପଞ୍ଚ ଦୁର୍ଗା ଚରଣ ସ୍ୱାଇଁ, ବିଧାୟକ ପ୍ରତିନିଧି ଦିଲୀପ ବେହେରା, ବିଜେପି ଜିଲ୍ଲା ଉପସଭାପତି ତପନ କୁମାର ତ୍ରିପାଠୀ, ବିଜୁ ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରମୋଦ କିଶୋର ଜେନା, କୁଜଙ୍ଗ ବ୍ଲକ ପୂର୍ବତନ ଚେୟାରମ୍ୟାନ ସ୍ମୃତିରଞ୍ଜନ ବେହେରା, କୁଜଙ୍ଗ ଓକିଲ ସଂଘ ସଭାପତି ଏନ୍‌ଡି ଯାଦବ, ବିଜେପି କୁଜଙ୍ଗ ମଣ୍ଡଳ ସଭାପତି ରଞ୍ଜନ ବାରିକ, ବାବୁରାମ ଚୌଧୁରୀ, ଶ୍ରୀନିବାସ ଯୁଝାରସିଂ, ରାଜନ ବେହେରା, ଡା. ଶ୍ରୀଧର ବେହେରା, ସାହିତ୍ୟିକ ଜୀବନାନନ୍ଦ ଅଧିକାରୀ, ଡ. ଗଙ୍ଗାଧର ସାମନ୍ତରାୟ, ଶରତ ଚନ୍ଦ୍ର ବେହେରା, ଜିନ୍ମୟୀ ସାହାଣୀ, ସୁବାଷ ମହାପାତ୍ର, ଧନେଶ୍ୱର ସାମଲ, ପିତାମ୍ବର ମାଝୀ, ବିଜୟ ମାଝୀ, ବିଜୟ ଖଟେଇ, ନଗେନ୍ଦ୍ରନାଥ ସ୍ୱାଇଁ, ନରେଶ ଭଟ୍ଟ, ପ୍ରଦୀପ୍ତ ପରିଡ଼ା, ଶୁକଦେବ ସ୍ୱାଇଁ, ନବଘନ ସ୍ୱାଇଁ ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ। ପରେ କବି ଡ. ସୁରେଶ କୁମାର ପ୍ରଧାନଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ନବୀନ, ପ୍ରଧାନ, କଳ୍ପନା ସୂତାର, ରୁନିବାଳା ମଲ୍ଲିକ, ସରୋଜିନୀ ମିଶ୍ର, ମଥୁରାନନ୍ଦ ତରାଇ, ମାନଗୋବିନ୍ଦ ପ୍ରଧାନ, ନିରଞ୍ଜନ ରାଉତ, ଜୟନ୍ତୀ ଦାସ, ରବୀନ୍ଦ୍ର ନାୟକ ପ୍ରମୁଖ ଶୋକ କବିତା ପାଠ କରିଥିଲେ। ପରେ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା। ଡ. ସୁଧାଂଶୁ ଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁରୀରୁ ଆସିଥିବା ପ୍ରବଚକ ଶିବ ବାବାଙ୍କ ଦଳ ତରଫରୁ ପ୍ରବଚନ ଓ ଭଜନ ପରିବେଷଣ କରାଯାଇଥିଲା।

## ରଘୁନାଥପୁର ବ୍ଲକ କଂଗ୍ରେସର ସମ୍ବର୍ଦ୍ଧନା ସଭା



ଜଗତସିଂହପୁର/ରଘୁନାଥପୁର,୨୦।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଓ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ଉପସ୍ଥିତିରେ ଏକ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗନ୍ନାଥପୁର ପଞ୍ଚାୟତର ସୁଶାନ୍ତ କୁମାର ସାହୁ, ଧରାଧରପୁର ପଞ୍ଚାୟତର ଶିବ ସାହୁ, ରଘୁନାଥପୁର ପଞ୍ଚାୟତର ୱାର୍ଡମେମ୍ବର ଅଚ୍ୟୁତା ନନ୍ଦ ଦଳାଇ, ବିଦ୍ୟାଧରପୁର ପଞ୍ଚାୟତର ସୁବାସ କୁମାର ରାଟସିଂ, ଶିବ ପ୍ରସାଦ ଦାସ, ବଳରାମ ଭୋଇ, ଚନ୍ଦନ ଭୋଇ, ରଘୁନାଥପୁର ପଞ୍ଚାୟତର ଶମ୍ଭୁନାଥ ସେନାପତି, ପୂରଣ ଓଡ଼ପଡ଼ା ପଞ୍ଚାୟତର ସନ୍ତୋଷ ପାତ୍ର ପ୍ରମୁଖ କଂଗ୍ରେସରେ ଯୋଗଦେଇଥିଲେ। ଏହି ଅବସରରେ ନୂତନ ଦାୟିତ୍ୱ ନେଇଥିବା ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ଜିଲ୍ଲା କଂଗ୍ରେସ ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ସମ୍ପାଦକ ମାନସ ଗୋଛାୟତ, କାର୍ଯ୍ୟକାରୀ ସଦସ୍ୟ କାଳନ୍ଦୀ ମହାନ୍ତି, ସମ୍ପାଦକ ମନୋରଞ୍ଜନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟୁଷ ନାୟକ ସଭା ପରିଚାଳନା କରିଥିବା ବେଳେ ବସନ୍ତ ଦାଶ, ବସନ୍ତ ସ୍ୱାଇଁ, ଅଜୟ ସ୍ୱାଇଁ, ଜିତେନ୍ଦ୍ର ମଲ୍ଲିକ, ବିଭୁ ରଞ୍ଜନ ସ୍ୱାଇଁ, ସୁଧାଂଶୁ ବିଶ୍ୱାଳ, ସ୍ୱପ୍ନ ସରିତ ରାଟସିଂ, ଲକ୍ଷ୍ମୀକାନ୍ତ ନାୟକ, ପରିକ୍ଷିତ ନାୟକ, ସନ୍ତୋଷ ସ୍ୱାଇଁ, ସାରଦା ଜେନା, ବ୍ରଜ କିଶୋର ମଲ୍ଲିକ, ବିଷ୍ଣୁ ବିଶ୍ୱାଳ, ଅଜିତ ଓଝା, ହରେକୃଷ୍ଣ ଖଟୁଆ, ପ୍ୟାରେଶ ପାତ୍ର, କ୍ରିତରଞ୍ଜନ ରାୟ, ସନ୍ତୋଷ ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ।

# ଜିଲ୍ଲା ଯୁବ କଂଗ୍ରେସର ସାଂଗଠନିକ ବୈଠକ



ଜଗତସିଂହପୁର,୨୦।୨(ସମିସ): ଜଗତସିଂହପୁର ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଯୋଗଧାରୀ ସ୍ଥିତ ସର୍କିଟ ହାଉସଠାରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ପ୍ରିତମ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଯୋଗ ଦେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ଜିଲ୍ଲାର ଯୁବକ/ଯୁବତୀଙ୍କ ମୌଳିକ ସମସ୍ୟାକୁ ନେଇ ଲଢ଼େଇ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଅଖିଳ ଭାରତୀୟ ଯୁବ କଂଗ୍ରେସ ସଂଯୋଜକ ସତ୍ୟବ୍ରତ ଦାସ, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, କୁଜଙ୍ଗ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ନିହାର ରଞ୍ଜନ ଦାସ, ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରତ୍ୟୁଷ ନାୟକ, ରାକେଶ ମହାନ୍ତି, ରାହୁଲ ଦାସ, ରାକେଶ ସ୍ୱାଇଁ, ବିଶ୍ୱଜିତ ସେଠୀ, ସୁଧାଂଶୁ ସ୍ୱାଇଁ, ଅଭିଷେକ ବଳ, ସ୍ୱପ୍ନସରିତ ରାଟସିଂହ, ଚିନ୍ମୟ ବିଶ୍ୱାଳ, ସୌଭାଗ୍ୟ ଦାସ, ସାଗର ଓଝା, ଆଲୋକ ବାରିକ, ଲକ୍ଷ୍ମୀଧର ସ୍ୱାଇଁ, ନାରାୟଣ ବେହେରା, ସୂର୍ଯ୍ୟ ନାରାୟଣ ବେହେରା, ସାରଦା ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

## 'ଗୀତା ଓ ଭାଗବତ ଆଦର୍ଶ ଗୃହସ୍ଥାଶ୍ରମ ଜୀବନ ପାଇଁ ବାଟ ଦେଖାଏ'



ଜଗତସିଂହପୁର,୨୦।୨(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ମଣ୍ଡଳର ସାହାଡ଼ା ଗ୍ରାମରେ ଶ୍ରୀଶ୍ରୀ ଗୋପିନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଟ୍ରଷ୍ଟି ଡ. ଅଭୟ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ପୁରୀ ରାଧାବଲ୍ଲଭ ମଠର ମହନ୍ତ ବାବା ରାମକୃଷ୍ଣ ଦାସ। ଉଦଘାଟନୀ ଭାଷଣ ଦେବା ଅବସରରେ ସେ କହିଲେ ଯେ ଦୈନିକ ଗୀତା-ଭାଗବତ ପାଠ ଜଣେ ସାଧାରଣ ମଣିଷକୁ ଆଦର୍ଶ ଗୃହସ୍ଥରେ ପରିଣତ କରେ। ଏହାର ପ୍ରଭାବରେ ସମାଜର ହୁଏ ଆଧ୍ୟାତ୍ମିକ ପରିବର୍ତ୍ତନ। ଧାରାବାହିକ ପ୍ରବକ୍ତା ଭାବେ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇଥିଲେ। ଏହି ସାଧୁ-ସନ୍ଥ ସମ୍ମିଳନୀରେ କେଳୀମଠର ବାବା ସିଦ୍ଧେଶ୍ୱର ଦାସ, ପ୍ରଭୁ ସତ୍ୟ ଆଶ୍ରମର ବାବା ଗୋପାଳ ଦାସ, ପତିତପାବନ ଆଶ୍ରମର ବାବା ପ୍ରେମାନନ୍ଦ, ଅଣଖିଆ ମଠର ମହନ୍ତ ମଦନମୋହନ ଦାସ, ତିହୁଡି ମଠର ମହନ୍ତ ମନୋହର ଦାସ, ଭାବବିନୋଦିଆ ମଠର ବାବାଜୀ ରଘୁନାଥ ଦାସ, ବାବା ସୀତାରାମ ଦାସ ଓ ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଭାପତି ବିଷ୍ଣୁ ସ୍ୱାଇଁ ଯୋଗ ଦେଇଥିଲେ। ସମସ୍ତ ସାଧୁସନ୍ଥମାନଙ୍କୁ ସ୍ୱାଗତ କରିଥିଲେ ଟ୍ରଷ୍ଟର ଅଧ୍ୟକ୍ଷ ଡ. ବଟ କିଶୋର ରାୟ। ଏଥିରେ ବାବା ରାମକୃଷ୍ଣ ଦାସଙ୍କ ଦ୍ୱାରା ଜଗତସିଂହପୁର ମ୍ୟୁନିସପାଲିଟି ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଦିବାକର ପାତ୍ର, ସାମ୍ବାଦିକ ଶୁଭଙ୍କର ଜେନା ଓ ସରୋଜ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

ଜଗତସିଂହପୁର/ରଘୁନାଥପୁର,୨୦।୨(ସମିସ): ଉତ୍କଳ ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧଳତଙ୍ଗଗଡ଼ ଜଙ୍ଗଲ ବିଟ୍‌ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମନୋଜ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ପାରାଦୀପ ଓ ଜଗତସିଂହପୁର ସମେତ ସମସ୍ତ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ମାନେ ଯୋଗଦେଇଥିଲେ। ସାମ୍ବାଦିକ ମାନଙ୍କର ସୁରକ୍ଷା, ପେନ୍‌ସନ ସହ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସାଧାରଣ ସମ୍ପାଦକ ମାନସ କୁମାର କାନୁନ୍‌ଗୋ, ରାଜ୍ୟ ସମ୍ପାଦକ ରାଧାକାନ୍ତ ମିଶ୍ର, ସଙ୍ଗଠନ ସମ୍ପାଦକ ଆମରଜ୍ୟୋତି ସାହୁ, କୋଷାଧ୍ୟକ୍ଷ ତାପସ ସ୍ୱାଇଁ, ଉପସଭାପତି ସୁଜନ କୁମାର ମୁଦୁଲି, ଶ୍ରୀବସ୍ତ ଲାଞ୍ଛନ ପାଢ଼ୀ, କାର୍ତ୍ତିକ ଚନ୍ଦ୍ରବେହେରା, ସହସମ୍ପାଦକ ଦେବ ଜ୍ୟୋତି ମହାନ୍ତି, ସୁରେଶ ନାୟକ ଓ ସିଦ୍ଧେଶ୍ୱର ସ୍ୱାଇଁ, କାର୍ଯ୍ୟକାରିଣୀ କମିଟି ସଦସ୍ୟ ଦୀପକ ମହାନ୍ତି, ବିଭୁତି ଭୂଷଣ ମଲ୍ଲ, ଅସ୍ମିତା ମହାନ୍ତି, ପ୍ରକାଶ ବାରିକ, ଚନ୍ଦ୍ରକାନ୍ତ ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସେହିପରି ଉପଦେଷ୍ଟା ରମାକାନ୍ତ ପରିଜା, ସତ୍ୟନନ୍ଦ ସାହୁ, ବରିଷ୍ଠ ସଦସ୍ୟ ବଲ୍ଲଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ନୂତନ ସଦସ୍ୟ ଭାବରେ ବିରୁପାକ୍ଷ ରାୟ, ପ୍ରଭାସ ଦାସ, ବିରଜା ପ୍ରସାଦ ସେଠୀ, ରଣଜିତ ମଲ୍ଲିକ, ସରୋଜ କୁମାର ଦାଶ ଓ ଶୁଭାଶିଷ ସ୍ୱାଇଁ ପ୍ରମୁଖ ସଂଘରେ ଯୋଗଦାନ କରିଥିଲେ। ସଦସ୍ୟ ସୁମନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ପାରାଦୀପ,୨୦।୨(ସମିସ): ପାରାଦୀପ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ "କ୍ୟାମ୍ପସ୍ ଜୈବ ବିବିଧତା ମାଧ୍ୟମରେ ପ୍ରାକୃତିକ ଇତିହାସ ବୁଝିବା ଓ ନାଗରିକ ବିଜ୍ଞାନର ଏକ ପରିଚୟ' ଶୀର୍ଷକ ଆଲୋଚନାଚକ୍ର ଆଜି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡା. ଦେବୀ ପ୍ରିୟଦର୍ଶିନୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରାଣୀ ବିଜ୍ଞାନ ବିଷୟ ଉପରେ ଆଲୋକପାତ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟା ତନୁଜା ପାଣି ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ସୁବ୍ରଥ ରଞ୍ଜନ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ବିଭାଗର ତୃତୀୟ ବର୍ଷର ଛାତ୍ରୀ ଲିପ୍ସା ମହାନ୍ତି ଓ ଦେବୀ ବିରଜା ଦାସ ନିଜ ନିଜର ପ୍ରକଳ୍ପ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ବହୁ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦାନ କରିଥିଲେ। ଶେଷରେ ବିଭାଗର ପ୍ରୟୋଗଶାଳା ସହାୟକ ସୁବ୍ରତ କୁମାର ଶର୍ମା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପାରାଦୀପରେ ପରିବହନ ଆଇନ୍ ଉଲ୍ଲଙ୍ଘନ

# ମାଲବୁହା ଗାଡ଼ିରେ ବୁହାହେଉଛନ୍ତି ଶ୍ରମିକ



ପାରାଦୀପ,୨୦।୨(ସମିସ): ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାକୁ ଶ୍ରମିକମାନଙ୍କୁ ମାଲବୁହା ଗାଡ଼ିରେ ବୁହାଯାଉଛି। ଏହା ଦିନ ପ୍ରହରରେ ସର୍ବସାଧାରଣଙ୍କ ସମ୍ମୁଖରେ ହେଉଛି। ଏହି ଘଟଣା ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଦୃଷ୍ଟିରେ ଥିଲେ ମଧ୍ୟ କେହିବାରଣ କରୁନାହାନ୍ତି। ଶିଳ୍ପ ସଂସ୍ଥାକୁ ଦୈନିକ କାମ କରିବାକୁ ଆସୁଥିବା ଏହି ଶ୍ରମିକମାନଙ୍କୁ ପିକ୍‌ଅପ୍ ଭ୍ୟାନ ବା ମାଲବୁହା ଗାଡିରେ ଅତି ବିପଦ୍‌ଜନକ ଭାବେ ଡାଲାରେ ଛିଡା କରି ପରିବହନ କରାଯାଉଛି। ଏହା ପୁଣି କାମ ନେଇଥିବା କଣ୍ଟ୍ରାକ୍ଟର ହିଁ କରୁଛି। ଏହାକୁ ସବୁ ଶିଳ୍ପ ସଂସ୍ଥା ଅଧିକାରୀମାନେ ଦେଖିଲେ ମଧ୍ୟ କୌଣସି ମୁହଁ ଖୋଲୁ ନଥିବା ଅଭିଯୋଗ ହୋଇଛି। ଯାହାକି ଶ୍ରମ ଓ ପରିବହନ ଆଇନ୍‌ର ଖୋଲା ଉଲ୍ଲଙ୍ଘନ ହେଉଥିବା ଦେଖିବାକୁ ମିଳିଛି। ବନ୍ଦର ତଥା ଶିଳ୍ପ ସହର ପାରାଦୀପ ସମେତ ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାକୁ ଦୈନିକ ଶ୍ରମିକମାନେ ଯାତାୟାତ କରିଥାନ୍ତି। ଏହି ଶ୍ରମିକମାନଙ୍କୁ ନେବା ଆଣିବା କରିବା ପାଇଁ ଯାତ୍ରୀବାହୀ ଗାଡ଼ିର ଆବଶ୍ୟକତା ଥିବା ବେଳେ ଶ୍ରମିକମାନେ ଠିକାଦାରମାନେ ଲାଭଖୋର୍ ହୋଇ କମ ଖର୍ଚ୍ଚରେ ଶ୍ରମିକମାନଙ୍କୁ ମାଲବାହୀ ଗାଡ଼ି ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ୍ ଭଳି ମାଲବାହି ଗାଡିର ଡାଲାରେ ବୋହି ଶିଳ୍ପ ସଂସ୍ଥାର ଫାଟକ ସାମ୍ନାରେ ଛାଡୁଛନ୍ତି ଏବଂ କାମ ସରିଲେ ସେଠାରୁ ପୁଣି ନେଇ ଆଣିଥିବା ସ୍ଥାନରେ ଛାଡୁଛନ୍ତି। ଏଭଳି ସ୍ଥିତିରେ ଯଦି କିଛି ଅଘଟଣ ଘଟେ; ତେବେ ଏଥିପାଇଁ କିଏ ଦାୟୀ ରହିବ ତାକୁ ନେଇ ପ୍ରଶ୍ନ ଉଠିଛି। ନାଁ କମ୍ପାନୀ କର୍ତ୍ତୃପକ୍ଷ ନାଁ ଗାଡି ମାଲିକ। ନାଁ ପ୍ରଶାସନ? ପ୍ରତିଦିନ ଏହି ଭଳି ଭାବେ ମାଲବାହୀ ଗାଡିରେ ଶ୍ରମିକମାନଙ୍କୁ ନେବା ଆଣିବା ଦେଖିବାକୁ ମିଳୁଛି। ମୂଲ୍ୟବାନ ଜୀବନ ରକ୍ଷା କରିବା ପାଇଁ ପରିବହନ ବିଭାଗ ଏହା ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ସ୍ଥାୟୀ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଢେଙ୍କାନାଳ,୨୦।୨(ସମିସ)




ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହ ଠାରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ସ୍ଥାୟୀ ବିକାଶ ଲକ୍ଷ୍ୟର ସଫଳ ରୂପାୟନ ପାଇଁ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଅଧ୍ୟକ୍ଷତା କରିଥିଲେ। ସାମଗ୍ରିକ ବିକାଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ୧୭ଟି ଦିଗ ଉପରେ ସଫଳତା ହାସଲ ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ, ନିର୍ବାଚିତ ପ୍ରତିନିଧି ଓ ଜନ ସାଧାରଣଙ୍କ ସହଯୋଗ ଓ ନିଷ୍ଠାପର ଉଦ୍ୟମ ପାଇଁ ଆହ୍ୱାନ ଦେଇଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣର ଉପ ନିର୍ଦ୍ଦେଶକ ରାଜ ବଲ୍ଲଭ କର ସ୍ୱାଗତ ଭାଷଣ ଦେଇ ମାନବ ସମାଜର କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ୧୭ଟି ଯୋଜନା ମଧ୍ୟରୁ ବିଶ୍ୱର ବିଭିନ୍ନ ଦେଶରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇପାରିଛି ବୋଲି ପ୍ରକାଶ କରିଥିଲେ। ଶ୍ରୀ ଶ୍ରୀ ୟୁନିଭରସିଟିର ପ୍ରଫେସର ସତ୍ୟଜିତ ଆର୍ଯ୍ୟ ରିସୋର୍ସ ପର୍ସନ ବିଶେଷଜ୍ଞ ଭାବେ ଯୋଗ ଦେଇ ୨୦୩୦ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ମାନବ ସମାଜର ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକାରର ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧା ଦୂର କରିବା,ଖାଦ୍ୟ ସୁରକ୍ଷା ତଥା ପୁଷ୍ଟିକର ଖାଦ୍ୟ ପାଇଁ କୃଷିକୁ ପ୍ରୋତ୍ସାହିତ କରିବା, ପ୍ରତ୍ୟେକଙ୍କ ପାଇଁ ସୁସ୍ଥ ଓ ନିରାମୟ ଜୀବନ ସୁନିଶ୍ଚିତ କରିବା, ସମସ୍ତ ମହିଳା ଓ ବାଳିକାମାନଙ୍କର ସଶକ୍ତି କରଣ ତଥା ଲିଙ୍ଗଗତ ସମାନତା ହାସଲ କରିବା, ଜଳ ଓ ପରିମଳ ବ୍ୟବସ୍ଥା, ସମସ୍ତଙ୍କୁ ସୁଲଭ ମୂଲ୍ୟରେ ନିର୍ଭରଯୋଗ୍ୟ, ଦୀର୍ଘସ୍ଥାୟୀ ଓ ଆଧୁନିକ ଶକ୍ତି ଯୋଗାଇବା, ଅର୍ଥନୈତିକ ବିକାଶ ସହିତ ସମ୍ମାନପୂର୍ଣ୍ଣ ଉତ୍ପାଦନକ୍ଷମ ନିଯୁକ୍ତି ସୁଯୋଗ, ଦୀର୍ଘସ୍ଥାୟୀ ଶିଳ୍ପାୟନ ଏବଂ ନୂତନ ଉଦ୍ଭାବନ, ଦେଶ ଭିତରେ ଓ ଦେଶ ଦେଶ ମଧ୍ୟରେ ଥିବା ଅସମାନତାକୁ ହ୍ରାସ କରିବା। ସମସ୍ତ ସହର ଓ ଜନବସତି ଗୁଡିକୁ ସନ୍ତୁଳିତ ଓ ସୁରକ୍ଷିତ ରଖିବା, ସମସ୍ତ ସମ୍ବଳର ଦାୟୀତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁର ସୁରକ୍ଷା ପାଇଁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ, ସାମୁଦ୍ରିକ ସମ୍ବଳ ଗୁଡିକର ସଂରକ୍ଷଣ ଓ ଉପଯୁକ୍ତ ବ୍ୟବହାର, ମୃତ୍ତିକା ଓ ଜୈବ ବିବିଧତାର କ୍ଷୟକୁ ରୋକିବା, ଜଙ୍ଗଲ ବୃଦ୍ଧି କରିବା, ଶାନ୍ତିପୂର୍ଣ୍ଣ ଓ ସମ୍ମିଳିତ ସମାଜ ଗଠନ, ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ବିଶ୍ୱସ୍ତରୀୟ ସହଭାଗିତାକୁ ମଜବୁତ କରି କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ପାଇଁ ଉପାୟ ଗୁଡିକୁ ସୁଦୃଢ କରିବା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣର ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ନାୟକ ଏହି ୧୭ଟି ଯୋଜନାର କାର୍ଯ୍ୟକାରୀତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ସଭ୍ୟ ସଭ୍ୟା, ସମସ୍ତ ବିଡିଓ ଏବଂ ତହସିଲଦାର, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାପାଙ୍କ ସ୍ମୃତିରେ ଗୋ-ଦାନ କଲେ ଥାନା ଅଧିକାରିଣୀ

ଗଁଦିଆ,୨୦।୨(ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅର୍ନ୍ତଗତ କାନପୁରା ଗାଁର ଦିପ୍ତିମୟୀ ବିଶ୍ୱାଳ। ବାପା କେଦାରନାଥ ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି ପାଇଁ ଗୋ ଦାନ କରିଛନ୍ତି। ନିଜର ସମସ୍ତ ଗାଈଗୋରୁ ଗୁଡିକୁ ସେ ଗଁଦିଆ ବ୍ଲକ ଲେଥକା ପଞ୍ଚାୟତ ଓରନ୍ଦା ସ୍ଥିତ ବ୍ରଜଭୂମି ଗୋଶାଳାକୁ ଦାନ କରିଛନ୍ତି। ଦିପ୍ତିମୟୀ ବର୍ତ୍ତମାନ ଛେଣ୍ଡିପଦାରେ ଥାନା ଅଧିକାରିଣୀ ଭାବେ କାର୍ଯ୍ୟରତ ଅଛନ୍ତି। ପ୍ରାୟ ୨୭ ବର୍ଷ ଧରି ବାପା କେଦାରନାଥ ଗାଈ ଗୋରୁଙ୍କ ଯତ୍ନ ଓ ଦାୟିତ୍ୱ ବହନ କରୁଥିଲେ। ନିକଟରେ ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ଏପରିକି ଗାଈଗୋରୁଙ୍କ ସେବା କରିବା ପାଇଁ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସେ ବ୍ରଜଭୂମି ଗୋଶାଳା ସହିତ ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ଜରିଆରେ ଯୋଗାଯୋଗ କରି ଗାଈ ଗୁଡିକୁ ପୂଜାର୍ଚ୍ଚନା କରି ଏକ ଗାଡିରେ ବିଦାୟ ଦେଇଥିଲେ। ଏପରିକି ମାଆ ସୁଲୋଚନା ଗାଈ ଗୁଡିକୁ ବିଦାୟ ଦେବା ବେଳେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ।



ଏହି ଗୋଦାନ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ରାଜ୍ୟ ଧର୍ମାଚାର୍ଯ୍ୟ ସହ ପ୍ରମୁଖ ମଳୟ କୁମାର ତ୍ରିପାଠୀ,ରବି ନାରାୟଣ ପାତ୍ର, ସୁଧାକର ସାହୁ, ଦିପକ ବିଶ୍ୱାଳ, ବିଶ୍ୱ ସନାତନ ଧର୍ମ ସେବା ଟ୍ରଷ୍ଟ,ଗୋଶାଳା କର୍ମକର୍ତ୍ତା ବିଭୁତି ମହାନ୍ତି, ମୁଖ୍ୟ ପରିଚାଳକ ବାବାଜୀ ସ୍ୱାଇଁ ସହଯୋଗ କରିଥିଲେ। ତୃପ୍ତି ପାଠାଗାର କର୍ମକର୍ତା ପୂର୍ଣ୍ଣଚନ୍ଦ୍ର ସାହୁ,ହୃଷିକେଶ ବିହାରୀ,ପ୍ରତାପ କୁମାର ନାୟକ କାନପୁରାରୁ ଓରନ୍ଦା ଗୋଶାଳା ପର୍ଯ୍ୟନ୍ତ ଗୋମାତାଙ୍କ ଦାଇତ୍ୱ ନେଇଥିଲେ।

## ଛତ୍ରପତି ଶିବାଜୀଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ,୨୦।୨(ସମିସ): ସ୍ଥାନୀୟ ଗୁରୁଦେବଜୀ ଫାଉଣ୍ଡେସନ ପକ୍ଷରୁ ମହିଷାପାଟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ହିନ୍ଦୁ ହୃଦୟ ସମ୍ରାଟ ମହାବୀର ଛତ୍ରପତି ଶିବାଜୀ ମହାରାଜଙ୍କ ତ୍ୟାଗ,



ବୀରତ୍ୱ ଏବଂ ସଂଘର୍ଷର ଗାଥାକୁ ନେଇ ଶିବାଜୀ ମହାରାଜଙ୍କ ଜନ୍ମ ଜୟନ୍ତୀ ତଥା ଶିବ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଧର୍ମ ରକ୍ଷା, ରାଷ୍ଟ୍ର ରକ୍ଷା ଏବଂ ଅଖଣ୍ଡ ଭାରତରେ ହିନ୍ଦୁ ସାମ୍ରାଜ୍ୟ ବିସ୍ତାର ପାଇଁ ଯେଉଁଭଳି ଛତ୍ରପତି ଶିବାଜୀ ନିଜର ଅଦମ୍ୟ ସାହସ, ତ୍ୟାଗ, ସମର୍ପଣ ଭାବନା ରଖିଥିଲେ। ତାହା ଛାତ୍ର ଯୁବ ସମାଜ ପ୍ରେରଣା ନେବା ଆବଶ୍ୟକ ବୋଲି ମଞ୍ଚାସୀନ ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରଥମେ ଆବାହକ ଇଂ ସୌମ୍ୟବ୍ରତ ସାହୁ ଏହି ଜୟନ୍ତୀ ପାଳନର ଲକ୍ଷ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଶିବାଜୀ ମହାରାଜାଙ୍କ ବିରତ୍ୱ ଓ ସାହସ ବିଷୟରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ବିକାଶ ଚନ୍ଦ୍ର ପଣ୍ଡା, ମହାଦେବ ବାହିନୀର ସଦସ୍ୟ ଚନ୍ଦନ ସାହୁ, ମନୋରଞ୍ଜନ ଜେନା, ସଦର ଓଏଭିର ଅଧ୍ୟକ୍ଷ ମନମୋହନ ସାହୁ ପ୍ରମୁଖ ଯୋଗଦାନ କରି ଶିବାଜୀ ମହାରାଜାଙ୍କ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ ଉପସ୍ଥିତ ଥିବା ବହୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଶିବାଜୀଙ୍କ ସଂଘର୍ଷପୂର୍ଣ ଜୀବନୀକୁ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁରୁଦେବଜୀ ଫାଉଣ୍ଡେସନର ଅଧ୍ୟକ୍ଷ ଇଂ ସୌମ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ଇନ୍ଦ୍ରଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ



କାମାକ୍ଷାନଗର,୨୦।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଡାକରାରେ ୧୭ ଦଫା ଦାବିନେଇ ଆନ୍ଦୋଳନକୁ ଓଲ୍ହାଇଛନ୍ତି କାମାକ୍ଷାନଗର ଓ ପରଜଙ୍ଗ କେନ୍ଦୁପତ୍ର ରେଞ୍ଜର କର୍ମଚାରୀ ମାନେ।ଉଭୟ ରେଞ୍ଜର କର୍ମଚାରୀ ମାନେ କାମାକ୍ଷାନଗର ଜିରିଡାମାଳି ଠାରେ ଥିବା ପରଜଙ୍ଗ ରେଞ୍ଜ କାର୍ଯ୍ୟାଳୟ ଓ କାମାକ୍ଷାନଗର ରେଞ୍ଜ କାର୍ଯ୍ୟାଳୟ ଆଗରେ କରୁଛନ୍ତି ଆନ୍ଦୋଳନ।ତୋଳାଳୀ ମାନଙ୍କର କେରି ଦର ବୃଦ୍ଧି, ସିଜିନାଲ କର୍ମଚାରୀ ମାନଙ୍କର ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ଦର ବୃଦ୍ଧି, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ବନ୍ଦ କରିବା,ପ୍ରସ୍ତାବିତ ୫/୬ଟି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ କରାଯିବା,କେନ୍ଦୁପତ୍ରରେ ଜିଏସଟି ହ୍ରାସ ପରେ ବିକ୍ରି ମୂଲ୍ୟ ବୃଦ୍ଧି ପାଇଁ ସମୀକ୍ଷା କରାଯାଉ,ବୋନସ ପ୍ରଦାନ ଶତକଡା ହିସାବରେ ଗତବର୍ଷଠାରୁ ଅଧିକ ବୃଦ୍ଧି କରାଯାଉ,ମୃତକ ପରିବାରଙ୍କ ମୃତ୍ୟୁ କାଳୀନ ସହାୟତା ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ,ବିଭିନ୍ନ ଡିଭିଜନରେ ଖାଲି ପଡ଼ିଥିବା ସିଜିନାଲ କର୍ମଚାରୀଙ୍କ ସ୍ଥାନ ପ୍ରମୋସନ ଭିତ୍ତିରେ ପୁରଣ କରିବା ଭଳି ୧୭ ଦଫା ଦାବିରେ କରୁଛନ୍ତି ଆନ୍ଦୋଳନ। ୨ଦିନ ଧରି ଚାଲିବ ଏହି ଆନ୍ଦୋଳନ ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର କରିବାକୁ ଦେଇଛନ୍ତି ଚେତାବନୀ। ଏଠାରେ ପରଜଙ୍ଗ ରେଞ୍ଜର ରେଞ୍ଜ ସମ୍ପାଦକ ରଞ୍ଜନ ନାଏକ,ଡିଭିଜନ କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ବିଶ୍ୱାଳ, ଭୀମସେନ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, କାମାକ୍ଷାନଗର ରେଞ୍ଜ ହେଡ ଚେକର ମକରଧ୍ୱଜ ସାହୁ,ନରେଶ ମହନ୍ତ, ଧ୍ୱଳେଶ୍ୱର ପ୍ରଧାନ, ଅମ୍ବୁଜ ସାହୁ, ଅଞ୍ଜଳି ସିଂ, ବିନତି ମହାନ୍ତ, ସବିତା ଦେହୁରୀ, ଧନେଶ୍ୱର ନାୟକ, ପ୍ରଶାନ୍ତ ପ୍ରଧାନ, ଦୟାନିଧି ବିଶ୍ୱାଳ, ନବକିଶୋର ବେହେରା, ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ କର୍ମଚାରୀ କରିଛନ୍ତି ଆନ୍ଦୋଳନ।

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ କେନ୍ଦୁପତ୍ର ଗୋଦାମ ରଞ୍ଜାଗୋଳ ଠାରେ ୧୭ଦଫା ଦାବି ନେଇ କେନ୍ଦୁପତ୍ର ତୋଳାଳୀମାନେ ଗଣଧାରଣା ଦେଇଛନ୍ତି। କେନ୍ଦୁପତ୍ର ତୋଳାଳୀ ମାନଙ୍କର କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି କରାଯିବା, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ କରିବା, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦର ବୃଦ୍ଧି କରିବା ଓ ବିଭିନ୍ନ ଡିଭିଜନରେ ଖାଲି ପଡ଼ିଥିବା ସିଜିନାଲ କର୍ମଚାରୀଙ୍କ ସ୍ଥାନ ପ୍ରମୋଶନ ଭିତ୍ତିରେ ପୂରଣ କରିବା ଆଦି ୧୭ଗୋଟି ଦାବିନେଇ କେନ୍ଦୁପତ୍ର କର୍ମଚାରୀ ସଂଘ ହିନ୍ଦୋଳ ପକ୍ଷରୁ କେନ୍ଦୁପତ୍ର ଗୋଦାମ ରଞ୍ଜାଗୋଳ ଗଣଧାରଣା ହେବ ବୋଲି ଜଣାପଡ଼ିଛି। ଏହି ଗଣଧାରଣାରେ ରଞ୍ଜାଗୋଳ ରେଞ୍ଜ ସମ୍ପାଦକ ଅଖିଳ ସାମଲଙ୍କ ସହ ଅନ୍ୟକର୍ମଚାରୀ ଗଣଧାରଣାରେ ସାମିଲ୍ ହୋଇ ଦାବିଗୁଡ଼ିକ ପୂରଣ ନିମନ୍ତେ ସ୍ଲୋଗାନ କକମାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ



ଠାରେ ଗଣଧାରଣା ଦିଆଯାଇଛି। ୧୭ ଦଫା ସମ୍ବଳିତ ଦାବୀ ପୂରଣରେ ସରକାରୀ ଅବହେଳା ପ୍ରତିବାଦ ସହ ଦାବୀ ପୂରଣ ପାଇଁ ଫେବୃଆରୀ ୨୦ ଓ ୨୧ ତାରିଖରେ ଉଦ୍ଦେଶ୍ୟରେ ୧୭ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଦାୟିତ୍ୱରେ ଥିବା କେନ୍ଦୁପତ୍ର ରେଞ୍ଜର ନିର୍ମଳ ଚନ୍ଦ୍ର ବିଶ୍ୱାଳଙ୍କୁ ପ୍ରଦାନ କରିଥିଲେ।

## ସାଧବନଗରରେ ଅଷ୍ଟପ୍ରହର ନାମଯଜ୍ଞ



ଭୁବନ,୨୦।୨(ସମିସ): ଭୁବନ ଏନ୍ଏସି ୱାର୍ଡ ନମ୍ବର-୧୧ ସାଧବ ନଗର ଲକ୍ଷ୍ମୀଛକରେ ଅଷ୍ଟପ୍ରହର ନାମଯଜ୍ଞ ଅବସରରେ ସଙ୍କୀର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସାଧବନଗର ମୁରବୀ ବନବିହାରୀ ପୃଷ୍ଟି, ସଙ୍କୀର୍ତ୍ତନ ଆଖଡ଼ା ମୁରବୀ ଦୁର୍ଯ୍ୟୋଧନ ସାହୁ, ଜଗବନ୍ଧୁ ପୃଷ୍ଟି, ସୁରେନ୍ଦ୍ର କୁମାର ପୃଷ୍ଟି, ଚକ୍ରଧର ସାହୁ, ବେଣୁଧର ସାହୁ, ସରୋଜ କୁମାର ପୃଷ୍ଟି ସମେତ ସାହି ବାସିନ୍ଦାଙ୍କ ଆୟୋଜନ କ୍ରମେ ସଙ୍କୀର୍ତ୍ତନ ଗୁରୁ ହୃଦାନନ୍ଦ ବେହେରା, ରାମଚନ୍ଦ୍ର ରାଉତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ନଗର ସଙ୍କୀର୍ତ୍ତନ ମଣ୍ଡଳୀ ସଭାପତି କୋଦଣ୍ଡଧର ପାତ୍ର, ସମ୍ପାଦକ ପଞ୍ଚାନନ ରାଉତ, କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ, ସଂଯୋଜକ ଚକ୍ରଧର ସାହୁ, କୃଷ୍ଣଚନ୍ଦ୍ର ସାହୁ, କ୍ଷେତ୍ରବାସୀ ପୃଷ୍ଟିଙ୍କ ସମେତ ୨୨ଟି ସଙ୍କୀର୍ତ୍ତନ ଦଳ ଏକତ୍ରିତ ହେଇଥିଲେ। ସାଧବନଗର ମୁରବୀ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହୃଦ୍‌ଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ପରଜଙ୍ଗ,୨୦।୨(ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବଜାର ରେ ଦୀର୍ଘ ବର୍ଷ ହେବ ବ୍ୟବସାୟ କରୁଥିବା ପରଜଙ୍ଗ ଗ୍ରାମର ଯୁବ ବ୍ୟବସାୟୀ ନିର୍ମଳ ସାମଲ ୪୮ ଙ୍କର ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ସୂଚନା ମତାବକ ମୃତ ବ୍ୟବସାୟୀ ଜଣକ କିଡିନି ରୋଗ ରେ ପୀଡିତ ହୋଇ ଡାଇଲେସିଶି ହେଉଥିଲେ। ଶୁକ୍ରବାର ଭୋର କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ




ରେ ଡାୟିଲେସିଶି ହେଉଥିବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ରକ୍ତଚାପ କମିଯାଇଥିଲା। ଫଳରେ ହୃଦୁଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କର ଛୋଟ ଛୋଟ ଦୁଇଟି ପୁଅ ଝିଅ ଅଛନ୍ତି। ତାଙ୍କ ବିୟୋଗରେ ପରଜଙ୍ଗ ବଜାର ର ସମସ୍ତ ଦୋକାନ ବନ୍ଦ ରହିବା ସହ ବହୁ ମାନ୍ୟ ଗଣ ବ୍ୟକ୍ତି ତାଙ୍କ ନିଜ ବାସଭବନ ରେ ଶେଷ ଦର୍ଶନ କରିଥିଲେ।

## ତଳବେରଣା କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଗଇଲୋ ଚାମ୍ପିଅନ

ପରଜଙ୍ଗ,୨୦।୨(ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଅର୍ନ୍ତଗତ ସାଆନ୍ଦା ପଞ୍ଚାୟତ ତଳବେରଣା କ୍ରିକେଟ ଟିମ୍ ଅନୁକୁଲ୍ୟ ରେ ଗତ ୧୨ ତାରିଖଠାରୁ ତଳବେରେଣା ମା କାଳୀ ପଡ଼ିଆରେ



ଚାଲିଥିବା ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଦିନ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ରେ ମୋଟ ୮ ଟି ଟିମ ଅଂଶ ଗ୍ରହଣ କରିଥିଲେ। ଶୁକ୍ରବାର ଫାଇନାଲ ମ୍ୟାଚ ରେ ଗଇଲୋ ସହିତ ଶିଆରିମାଳିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶିଆରିମାଳିଆ ଟିମ୍ ଟସ୍ ଜିତି ପ୍ରଥମେ ଗଇଲୋକୁ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା। ଗଇଲୋ ପ୍ରଥମେ ବ୍ୟାଟିଂଙ୍ଗ୍ କରି ନିର୍ଦ୍ଧାରିତ ୧୦ ଓଭର ରେ ୫ ୱିକେଟ ହରେଇ ୧୩୧ ରନ ସଂଗ୍ରହ କରିଥିଲେ। ଜବାବରେ ୧୩୨ ରନ ଲକ୍ଷ କୁ ନେଇ ଶିଆରିମାଳିଆ ୧୦ ଓଭର ରେ ୬ ୱିକେଟ ହରେଇ ୧୦୩ ରନ ସଂଗ୍ରହ କରିପାରିଥିଲା। ଫଳରେ ଗଇଲୋ ଟିମି ଚମ୍ପିଆନ ହୋଇଥିଲା। ଏହି ଉଦଯାପନୀ କ୍ରୀଡାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ଦାସ, ସମ୍ମାନୀତ ଅତିଥି ଭାବେ ରମେଶ ମିଶ୍ର ଓ ସାମାଜିକ କର୍ମୀ ଆଶିଷ ପଣ୍ଡା, ଭାଜପା କର୍ମୀ ରଙ୍ଗାଧର ପାଣି, ମୋନୋହର ଦାସ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଟିମ କୁ ଟ୍ରଫି ସହ ଅର୍ଥ ରାଶି ଏବଂ ରନରସ ଅପ ଟିମି କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଆମ୍ପ୍ୟାରେ ଭାବେ ଗୌତମ ପ୍ରଧାନ ଓ ଶୁଭଙ୍କର ବେହେରା କାର୍ଯ୍ୟ ତୁଲାଇ ଥିବା ବେଳେ ସୋମନାଥ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଲିପୁ ବେହେରା କାର୍ଯ୍ୟ ତୁଲାଇଥିଲେ।

## ଆଶ୍ରମ ବିଦ୍ୟାଳୟର ୬୫ତମ ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୦।୨(ସମିସ): ସଂସାଇଲୋ ଆଶ୍ରମ ବିଦ୍ୟାଳୟର ୬୫ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମୁନା ବେହେରାଙ୍କ ସଭାପତିତ୍ୱରେ ଉତ୍ସବଟି ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସଦର ବ୍ଲକ୍‌ର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅୟସକାନ୍ତ ଦାସ, ମୁଖ୍ୟବକ୍ତା ଭାବେ ମଙ୍ଗଳପୁର କ୍ଲଷ୍ଟରର ସିଆରସିସି ପ୍ରିୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ଧ୍ରୁବ ଚରଣ ରାଉତ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ଭାଲିଆବୋଲ ଗ୍ରାମ ପଞ୍ଚାୟତରେ ଯୁବ ସରପଞ୍ଚ ପ୍ରତାପ କୁମାର ବେହେରା ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆରତ ପଧାନ ଯୋଗଦେଇଥିଲେ। ଏହାସହ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିରେଖା ମିଶ୍ର ଓ ସହକାରୀ ଶିକ୍ଷୟିତ୍ରୀ ମାନିନୀ ଦାସ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦାସ ଛାତ୍ରଛାତ୍ରୀମାନଙ୍କର ସାମଗ୍ରୀକ ବିକାଶ ଦିଗରେ ନାଚ, ଖେଳକୁଦର ପ୍ରମୁଖ ଭୂମିକା ରହିଛି। ଉତ୍ତମ ଚରିତ୍ର ଗଠନ ଓ ବିଭିନ୍ନ ପ୍ରତିବନ୍ଧକର କିପରି ସାମ୍ନାକରି ଆଗକୁ ବଢିବ ସେଥିପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ପ୍ରିୟବ୍ରତ ସାହୁ ଶିକ୍ଷା, କ୍ରୀଡା, ନୃତ୍ୟ ସଙ୍ଗୀତ ଆଦି ସହପାଠ୍ୟ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଜୀବନ ଦର୍ଶନ ଓ ଶୃଙ୍ଖଳା ଜ୍ଞାନ ଉପରେ ମତ ରଖିଥିଲେ। ସ୍ଥାନୀୟ ସରପଞ୍ଚ ବେହେରା ସଂସ୍କାର ଓ ଶିକ୍ଷା, ଚରିତ୍ର ଗଠନ ଛାତ୍ର ଜୀବନର ବ୍ରତ ହେବା ଉଚିତ ବୋଲି ଦୃଢ ମତବୋଷଣ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ଛାତ୍ରଛାତ୍ରୀମାନଙ୍କୁ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଆଜିର କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ବେହେରା ବିବରଣୀ ପଠନ କରିଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ନୂଆ କୋରିଆଁରେ ଅଷ୍ଟପ୍ରହର ନାମଯଜ୍ଞ

ଢେଙ୍କାନାଳ,୨୦।୨(ସମିସ): ଢେଙ୍କାନାଳ ଉପକଣ୍ଠ ନୂଆ କୋରିଆଁ ଗ୍ରାମରେ ୭୨ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। କଳସଯାତ୍ରା କରାଯାଇ କୁଞ୍ଜରେ ରାଧାକୃଷ୍ଣଙ୍କୁ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଅଖଣ୍ଡଦୀପ ସ୍ଥାପନ ଓ ଅଧିବାସ ପୂଜା ଆରମ୍ଭ କରାଯାଇଥିଲା। ଶୁକ୍ରବାର ସକାଳ ୬ ଘଟିକାଠାରୁ ନାମ ଆରମ୍ଭ ହୋଇ ଆସନ୍ତାକାଲି ସକାଳ ୬ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ। ଆଖପାଖ ଅଂଚଳର ପ୍ରାୟ ୧୦ ଦଳ କୀର୍ତନ ମଣ୍ଡଳୀ ଯୋଗଦାନ କରି ସଂକୀର୍ତନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଇଣ୍ଡିଆନ୍ ପୋଟାସ୍ ଲିଃର ସାଧାରଣ ପରିଚାଳକ ବିକାଶ କୁମାର ଚୌଧୁରୀ ଯୋଗଦାନ କରି ପ୍ରଭୁଙ୍କର କୃପାଲାଭ କରିଥିଲେ। ଆସନ୍ତାକାଲି ନଗରକୀର୍ତନ ଓ ପ୍ରସାଦସେବନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ନୂଆକୋରିଆଁ ଗ୍ରାମବାସୀମାନେ ଭକ୍ତିର ସହିତ ଯୋଗଦାନ କରି ସହଯୋଗ କରିଥିଲେ।

## ଯୁବ ସଙ୍କଳ୍ପ ବିକାଶ ଅଭିଯାନ କାର୍ଯ୍ୟକ୍ରମ

ଖଜୁରିଆକଟା,୨୦।୨(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବିଧାନସଭା ଓଡାପଡା ବ୍ଲକ ଅନ୍ତର୍ଗତ ଗୁଡିଆକାଟେଣି ଛକ ନିକଟରେ



ଯୁବ ସଙ୍କଳ୍ପ ବିକାଶ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଗୋପବନ୍ଧୁ କ୍ଲବ ଆନୁକୁଲ୍ୟରେ ମେରା ଯୁବ ଭାରତ ସହାୟତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଶାଙ୍କ ଶେଖର ମହାପାତ୍ର ମୂଖ୍ୟ ଅତିଥି ରୂପେ ଯୋଗଦେଇ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ କ୍ଲବ୍ ଯୁବକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ମାନଙ୍କର କାର୍ଯ୍ୟକଳାପ ଉପରେ ଆଲୋକପାତ କରିବା ସହିତ ସରକାରଙ୍କ ନିକଟରେ ପଞ୍ଜିକରଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ବକ୍ତା ଭାବେ ନେତାଜୀ ଯୁବ ସମିତି ନିର୍ଦ୍ଦେଶକ ଭରତ ଚନ୍ଦ୍ର ବେହେରା, ଯୋଗ ଦେଇ ପଞ୍ଚାୟତ ରାଜ, ସୂଚନା ଅଧିକାର ଆଇନ, ସାମାଜିକ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଶେଷରେ ସୁପ୍ରଭା ମଞ୍ଜୁରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସର ଅନୁସୂଚିତ ଜାତି ଓ ଜନଜାତି ଜାଗରଣ ସମାବେଶ

ଗଁଦିଆ,୨୦।୨(ସମିସ)




କଂଗ୍ରେସ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ଜାଗରଣ ସମାବେଶ ଅନୁଷ୍ଠିତ ହୋଇଛି। ଗଁଦିଆ ବ୍ଲକ ସଭାପତି ଡ. ବନମାଳୀ ଦାସଙ୍କ ନେତୃତ୍ୱରେ ବାଇକ୍ ଶୋଭାଯାତ୍ରା କପିଳାସ ଛକରୁ ବାହାରିଥି। ଏଥିରେ ଢେଙ୍କାନାଳ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳ ସାମିଲ ହୋଇଥିଲେ। ଶୋଭାଯାତ୍ରା ଶ୍ରୀରାମଚନ୍ଦ୍ରପୁରରେ ପହଞ୍ଚିବା ପରେ ଜିଲ୍ଲା ସଭାପତି ସେଠାରେ ନୂତନ ଦଳୀୟ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ପରେ ଶୋଭାଯାତ୍ରା ସମାବେଶ ସ୍ଥଳକୁ ଯାଇଥିଲା। ଦଳୀୟ କର୍ମୀମାନେ ହାତରେ ବିଭିନ୍ନ ପ୍ଲାକାର୍ଡ ଧରିବା ସହ ଦୁର୍ନୀତିଗ୍ରସ୍ତ ବିଜେପି ସରକାର ତୁରନ୍ତ ଗାଦିଛାଡ଼ ନାରା ଦେଇଥିଲେ। ଜିଲ୍ଲା ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ଭକ୍ତଚରଣ ଦାସ ଯୋଗଦେଇ ଦେଶ ତଥା ରାଜ୍ୟରେ ଚାଲିଥିବା ଅପାରଗ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଥିଲେ। ଆମ ରାଜ୍ୟର ଜଣେ ଆଦିବାସୀ ମହିଳା ଆଜି ଦେଶର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ପଦବୀରେ ଅଛନ୍ତି। କିନ୍ତୁ ତାଙ୍କୁ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ହେଉ କିମ୍ବା ନୂତନ ସଂସଦ ଭବନ ଉଦଘାଟନ କାର୍ଯ୍ୟକ୍ରମରେ ସାମିଲ କରାଗଲାନାହିଁ। ଏହା ଆମ ପ୍ରତି ଘୋର ଅପମାନ ବୋଲି ସେ କହିଥିଲେ। ସେହିପରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇତିଲେ ମଧ୍ୟ କେନ୍ଦ୍ର ବିଜେପି ସରକାର ଆମକୁ ଲଣ୍ଠନ ଦେଖାଇ ଖଣିଖାଦାନ ଲୁଟ୍ କରି ଚାଲିଛି। ସମୟ ଆସିଛି ଆମେ ଏହି ସରକାରକୁ ହଟାଇ ଆମର ଦୁଃଖସୁଖର ସାଥୀ କଂଗ୍ରେସକୁ ଦିଲ୍ଲୀରୁ ଆରମ୍ଭ କରି ଭୁବନେଶ୍ୱରରେ ଶାସନକୁ ଫେରାଇ ଆଣିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମାବେଶରେ ଜିଲ୍ଲାର ସମସ୍ତ ୮ ବ୍ଲକର ସଭାପତି ଉପସ୍ଥିତ ଥିଲେ। ବରିଷ୍ଠ ନେତା ପ୍ରେମଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶରେ ବ୍ଲକର ସମସ୍ତ ୨୯ ପଞ୍ଚାୟତରୁ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ।

